www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 40 Sunday 11 October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୪୦ ରବିବାର, ୧୧ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ ରାଜ୍ୟପାଳ

ସମ୍ବଲପୁର, ୧୦।୧୦ (ନି.ସୂ): ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଶନିବାର ମହାଳୟା ଅବସରରେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି। ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ରାଜ୍ୟର ଜନସାଧାରଣଙ୍କ ସମୃଦ୍ଧି, ସୁଖ ଓ ମଙ୍ଗଳ କାମନା କରିଛନ୍ତି। ମହାଳୟା ଅବସରରେ ମା' ସମଲେଶ୍ୱରୀଙ୍କୁ ପବିତ୍ର ଧବଳମୁଖୀ ବେଶରେ ସୁସଜ୍ଜିତ କରାଯାଇଥାଏ। ଏହା ପୂର୍ବରୁ ରାଜ୍ୟପାଳ ହୀରାକୁଦ ଡ୍ୟାମ୍ ମଧ୍ୟ ପରିଦର୍ଶନ କରି ମହାନଦୀ ଉପରେ ନିର୍ମିତ ଏହି ବିଶାଳ ଜଳବନ୍ଧ ଏବଂ ଏହାର ବିସ୍ତୃତ ଜଳଭଣ୍ଡାରକୁ ପରିଦର୍ଶନ କରିଥିଲେ।

# ସିଇସିଙ୍କ ଇସ୍ତଫା ଦାବିରେ ରାଷ୍ଟ୍ରପତିଙ୍କୁ ଭେଟିଲା ଇଣ୍ଡି ମେଣ୍ଟ

## ଭୋଟ ଚୋରିର ପ୍ରମାଣ ମାଗିଲେ ମହାମହିମ

ନୂଆଦିଲ୍ଲୀ ୧୦/୧୦: ଭୋଟ୍ ଚୋରି ଅଭିଯୋଗକୁ ନେଇ ଦେଶର ରାଜନୀତି ପୁଣି ଥରେ ସରଗରମ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ପ୍ରସଙ୍ଗ ଏବଂ ଭୋଟର ତାଲିକାରୁ ନାଁ ହଟାଇବା ଅଭିଯୋଗକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ପ୍ରତିନିଧିମଣ୍ଡଳୀ। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏହି ସାକ୍ଷାତ ହୋଇଥିଲା। ଏନେଇ ରାହୁଲ ଗାନ୍ଧୀ କହିଛନ୍ତି, ଭୋଟ୍ ଚୋରି ସମ୍ପର୍କରେ ବିରୋଧୀଙ୍କ କଥାକୁ ରାଷ୍ଟ୍ରପତି ଧ୍ୟାନର ସହ ଶୁଣିଛନ୍ତି। ରାଷ୍ଟ୍ରପତି ଏହି ଅଭିଯୋଗକୁ ଖଣ୍ଡନ କରିନାହାନ୍ତି ବୋଲି ରାହୁଲ ଦାବି କରିଛନ୍ତି। ତାଙ୍କ କହିବା ଅନୁସାରେ, ରାଷ୍ଟ୍ରପତି ପ୍ରମାଣ କିପରି ଦେବେ ବୋଲି ପଚାରିଥିଲେ। ଏହାର ଉତ୍ତରରେ ବିରୋଧୀ ପ୍ରତିନିଧିମଣ୍ଡଳୀ ପ୍ରମାଣ ଦାଖଲ କରିବ ବୋଲି କହିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ଇଭିଏମ୍ ବଦଳରେ ବାଲଟ୍ ପେପର ମାଧ୍ୟମରେ ନିର୍ବାଚନ କରାଯାଉ। ବିରୋଧୀଙ୍କ ଦାବି ହେଉଛି, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ଭରସା ସୁନିଶ୍ଚିତ କରାଯାଉ। ତେବେ ବିରୋଧୀ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ଦେଇଥିବା ସ୍ମାରକପତ୍ରରେ ଚାରିଟି ପ୍ରମୁଖ ଦାବି ଉଠାଇଛି। ପ୍ରଥମତଃ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ ୨୦୨୩ର ସେହି ଆଇନକୁ ରଦ୍ଦ କରିବାକୁ କୁହାଯାଇଛି, ଯାହା ନିର୍ବାଚନ ଆୟୁକ୍ତମାନଙ୍କୁ ଆଇନଗତ ସୁରକ୍ଷା ଦେଉଛି। ଦ୍ୱିତୀୟତଃ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସ୍ଆଇଆରକୁ ତୁରନ୍ତ ସ୍ଥଗିତ ରଖିବା ସହ ବେଆଇନ ଭାବେ ହଟାଯାଇଥିବା ୧୩ କୋଟି ୩୦ ଲକ୍ଷ ଭୋଟରଙ୍କ ନାଁ ପୁନଃ ଯୋଡ଼ିବାକୁ ଦାବି କରାଯାଇଛି। ତୃତୀୟତଃ, ସମସ୍ତ ନିର୍ବାଚନରେ ପୁଣିଥରେ ବାଲଟ୍ ପେପର ବ୍ୟବହାର ଆରମ୍ଭ କରାଯାଉ। ଚତୁର୍ଥତଃ, ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ଯେଉଁ ବିଧାନସଭା ନିର୍ବାଚନଗୁଡ଼ିକରେ ଭୋଟ୍ ଚୋରିର ଠୋସ୍ ପ୍ରମାଣ ରହିଛି ବୋଲି ବିରୋଧୀ ଦାବି କରୁଛନ୍ତି, ସେହି ନିର୍ବାଚନଗୁଡ଼ିକୁ ବାତିଲ କରିବାକୁ ମଧ୍ୟ ସ୍ମାରକପତ୍ରରେ ଦାବି ହୋଇଛି।



ରାଷ୍ଟ୍ରପତିଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ସୁପ୍ରିୟା ସୁଲେ, ମମତା ବାନାର୍ଜୀ, ରାଜୀବ ରାୟ, ମନୋଜ ଝା, ଏମ୍.ଏ. ବେବି, ଡି. ରାଜା ଏବଂ ଉମର ଅବଦୁଲ୍ଲାଙ୍କ ସମେତ ନେତାମାନେ ସାମିଲ ଥିଲେ। ତେବେ ଆସନ୍ତା ୧୨ ଅକ୍ଟୋବରରେ ଏହି ପ୍ରତିନିଧିମଣ୍ଡଳୀ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସ୍ମାରକପତ୍ର ଦେବ ବୋଲି ରାହୁଲ କହିଛନ୍ତି।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ସମୟରେ ଅନ୍ୟ ବିରୋଧୀ ସାଂସଦମାନେ ବିଜୟ ଚୌକ୍‌ରେ ଧାରଣାରେ ବସିଥିଲେ। ସମସ୍ତ ସାଂସଦଙ୍କୁ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ସମୟ ମିଳିନଥିବାରୁ ପ୍ରତିବାଦ ମାର୍ଚ୍ଚ କରାଯାଇଥିବା କଂଗ୍ରେସ ସାଂସଦ ରାଜୀବ ଶୁକ୍ଲା କହିଛନ୍ତି। ତାଙ୍କ ଅନୁସାରେ, ଇଣ୍ଡି ମେଣ୍ଟର କେବଳ ୧୦ ଜଣ ନେତାଙ୍କୁ ସାକ୍ଷାତ ପାଇଁ ସମୟ ମିଳିଥିଲା। ଏହି ପ୍ରତିବାଦ ଯୋଗୁଁ ଦିଲ୍ଲୀରେ ଯାତାୟାତ ଓ ସାଧାରଣ ଲୋକଙ୍କୁ ଅସୁବିଧା ହୋଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଛନ୍ତି, ଦେଶର ଗଣତନ୍ତ୍ରକୁ ମଜବୁତ କରିବା ପାଇଁ ରାଜନୈତିକ ଦଳର ସଦସ୍ୟ ହୁଅନ୍ତୁ କି ନହୁଅନ୍ତୁ, ଅନେକ ଦେଶପ୍ରେମୀ ଲୋକ ଉଦ୍ୟମ କରୁଛନ୍ତି। ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଥିବା ସମସ୍ତଙ୍କୁ ସେ ସଲାମ ଜଣାଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ବାଲଟ୍ ପେପରରେ ଭୋଟିଂ କରାଇବା ଏବଂ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ସପକ୍ଷରେ ମତ ଦେଇଛନ୍ତି।

## ନିର୍ବାଚନ କମିଶନରଙ୍କୁ 'ଜେଡ୍ ପ୍ଲସ୍' ସୁରକ୍ଷା

ନୂଆଦିଲ୍ଲୀ ୧୦/୧୦: ଭାରତର ମୁଖ୍ୟ ନିର୍ବାଚନ କମିଶନର (ଉରଉ) ଜ୍ଞାନେଶ କୁମାରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାକୁ ନେଇ ଚାଲିଥିବା ବିବାଦ ଏବଂ ବିରୋଧୀ ଦଳଗୁଡ଼ିକର କ୍ରମାଗତ ପ୍ରତିବାଦ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତାଙ୍କୁ 'ଜେଡ୍ ପ୍ଲସ୍' (Z+) ସୁରକ୍ଷା ବଳୟ ପ୍ରଦାନ କରିଛନ୍ତି। ଗୁପ୍ତଚର ଏଜେନ୍ସିଗୁଡ଼ିକର ସୁରକ୍ଷା ଆକଳନଏବଂ ଦିଲ୍ଲୀ ଓ ଆଗ୍ରା ସ୍ଥିତ ବାସଭବନ ବାହାରେ ହୋଇଥିବା ପ୍ରଦର୍ଶନ ପରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ସୁରକ୍ଷା ବଳୟ ଅନ୍ତର୍ଗତ ୨୪ ଘଣ୍ଟିଆ ସୁରକ୍ଷା ପାଇଁ ପ୍ରାୟ ୫୫ ଜଣ ତାଲିମପ୍ରାପ୍ତ ସୁରକ୍ଷାକର୍ମୀ ନିୟୋଜିତ ରହିଥାନ୍ତି।



ବିରୋଧୀ 'ଇଣ୍ଡିଆ' (INDIA) ମେଣ୍ଟ ଏବଂ ବିଭିନ୍ନ ଦଳ ପକ୍ଷରୁ ୫ଓଜ ପ୍ରସଙ୍ଗରେ କରାଯାଉଥିବା ଆନ୍ଦୋଳନ ଓ ବିରୋଧ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଏବଂ ସୁରକ୍ଷାଏଜେନ୍ସିଗୁଡ଼ିକ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ବଙ୍ଗୋପସାଗରରେ ୧୩ରେ ଲଘୁଚାପ !

## ଓଡ଼ିଶାରେ ବଡ଼ ବର୍ଷା ଆଶଙ୍କା କମ୍

ଭୁବନେଶ୍ୱର,୧୦/୧୦(ନି.ସୂ): ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ବଡ଼ ଧରଣର ବର୍ଷା ସମ୍ଭାବନା ନାହିଁ। ଏପରିକି ଦଶହରାବେଳକୁ ପାଗ ଶୁଖିଲା ରହିପାରେ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ସୂଚନା ଅନୁସାରେ ଗଲ୍ଫ ଅଫ୍ ଥାଇଲାଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ୧୧ ତାରିଖବେଳକୁ ଉତ୍ତର ଆଣ୍ଡାମାନକୁ ଆସିପାରେ। ଫଳରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖବେଳକୁ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଅଛି। ଅନୁମାନ କରାଯାଉଛି, ରାଜ୍ୟରେ ଲଗାଣ କିମ୍ବା ବଡ଼ ବର୍ଷା ସମ୍ଭାବନା କମ୍। ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଦିନ ଓ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନପାରେ। ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ନିୟମିତ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି। ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ଓ ପାଖ ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ଜାଗାରେ ଶନିବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। କିଛି ଜାଗାରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇପାରେ। ଶୁକ୍ରବାର ଭୁବନେଶ୍ୱର ସମେତ କେତେକ ସ୍ଥାନରେ ଘଡ଼ଘଡ଼ି ସହ ଅସରାଏ ଲେଖାଏଁ ବର୍ଷା ହୋଇଛି। ଟ୍ରଫଲାଇନ ବା ପୂର୍ବ ପଟୁ ପବନ ପ୍ରବାହ ଯୋଗୁ ୧୩ ତାରିଖରୁ ଓଡ଼ିଶାରେ ପାଗ ବଦଳିପାରେ। ୧୩ ରାତିରୁ ୧୫ ତାରିଖ ରାତି କିମ୍ବା ୧୬ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ବର୍ଷା ରହିପାରେ। ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ଅଛି। ଗୋଟିଏ ଦୁଇଟି ଜାଗାରେ ପ୍ରବଳ ବର୍ଷା ହୋଇପାରେ। ବଭିନ୍ନ ଆକଳନ କରିଛନ୍ତି କୃଷି ପାଣିପାଗ ବିଶାରଦ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ। ତାଙ୍କ ପୂର୍ବାନୁମାନ ଅନୁସାରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିପାରେ। ହେଲେ ୧୭ରୁ ୧୯ ତାରିଖ (ସପ୍ତମୀରୁ ମହାନବମୀ) ପର୍ଯ୍ୟନ୍ତ ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ଓ ଅଳ୍ପ କିଛି ଜାଗାରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି। ହେଲେ ୨୦ ତାରିଖ ବିଜୟା ଦଶମୀରେ ପାଗ ସୁଧୁରିପାରେ। ତାଙ୍କ ଆକଳନ ଅନୁସାରେ ୧୩ରେ ଲଘୁଚାପ ସୃଷ୍ଟି ହେବା ପରେ ୧୪ରୁ ୧୬ ତାରିଖ ଭିତରେ ଏହା ଅଧିକ ସଂଗଠିତ ହୋଇ କେନ୍ଦ୍ରୀୟ କିମ୍ବା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ଗତି କରିପାରେ। ୧୫ ତାରିଖ ପାଖାପାଖି ଏହା ସୁଦୃଶ୍ୟ (ୱେଲ ମାର୍କଡ) ଲଘୁଚାପ ହୋଇପାରେ। ଏହା ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶାକୁ ମୁହାଁଇଲେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ବର୍ଷା ବଢ଼ିପାରେ। ଆନ୍ଧ୍ର-ତାମିଲନାଡୁ ମୁହାଁଇଲେ ରାଜ୍ୟରେ ବର୍ଷା କମ୍ ରହିବ।

## ରାଜ୍ୟରେ ବଢୁଛି ଜଳଜନିତ ଅଘଟଣ

# ୪ବର୍ଷରେ ୬୪୭୮ଟି ବୁଡ଼ି ଦୁର୍ଘଟଣା

### ଅଗ୍ନିଶମ ବାହିନୀ ଦ୍ୱାରା ୨୭୨୯ ଜଣ ଉଦ୍ଧାର

ଭୁବନେଶ୍ୱର ୧୦/୧୦ (ନି.ସୂ): ଦିନକୁଦିନ ଜଳାଶୟରେ ବୁଡ଼ି ଦୁର୍ଘଟଣା ସଂଖ୍ୟା ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୪ବର୍ଷରେ ଜଳାଶୟରେ ୬୪୭୮ଟି ବୁଡ଼ି ଦୁର୍ଘଟଣା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗରେ ଦ୍ୱାରା ପଞ୍ଜୀକରଣ ହୋଇଛି। ଏହି ପଞ୍ଜୀକରଣ ହୋଇଥିବା ଜଳରେ ବୁଡ଼ି ଦୁର୍ଘଟଣାରେ ୩୬୮୪ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ୨୭୨୯ଜଣଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛନ୍ତି।

ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ ୨୦୨୩ ରୁ ଗତମାସ ମଧ୍ୟରେ ଅଗ୍ନିଶମ ବାହିନୀ ସମୁଦାୟ ୬,୪୭୮ ଟି ଜଳାଶୟରେ ଦୁର୍ଘଟଣାଜନିତ ଜରୁରୀକାଳୀନ କଲ୍ ପାଇ ଉଦ୍ଧାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେଥିମଧ୍ୟରେ ୨୦୨୩ ରେ ୧୪୧୦ ଟି ଦୁର୍ଘଟଣା ମଧ୍ୟରୁ ୬୬୦ ଜଣଙ୍କ ଜୀବନ ରକ୍ଷା କରାଯାଇଥିବା ବେଳେ ୭୧୪ ଜଣଙ୍କ ପ୍ରାଣହାନି ଘଟିଛି। ସେହିପରି ୨୦୨୪ରେ ୧୨୯୬ ଟି ଜଳରେ ବୁଡ଼ି ଦୁର୍ଘଟଣା ମଧ୍ୟରେ ୮୫୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୭୭୮ ଜଣଙ୍କର ମୃତ୍ୟୁ ଘଟିଛି।

ଅନୁରୂପ ଭାବେ ୨୦୨୫ ରେ ମୋଟ ୨୩୫୬ଟି ଦୁର୍ଘଟଣାରେ ୮୦୫ ଜଣଙ୍କ ଜୀବନ ରକ୍ଷା କରାଯାଇଥିବା ବେଳେ ୧୩୪୬ ଜଣଙ୍କ ପ୍ରାଣହାନି ଘଟିଛି। ଚଳିତ ବର୍ଷ ଜାନୁଆରି ରୁ ସେପ୍ଟେମ୍ବର ମଧ୍ୟରେ ୧୪୧୬ ଟି ଜଳବୁଡ଼ି ଦୁର୍ଘଟଣାରୁ ୪୦୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୮୪୬ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ଗତ ପ୍ରାୟ ୪ ବର୍ଷ ମଧ୍ୟରେ ଅଗ୍ନିଶମ କର୍ମଚାରୀମାନଙ୍କ ଉଦ୍ୟମ ଯୋଗୁଁ ସମୁଦାୟ ୨,୭୨୯ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିଥିବା ବେଳେ ୩୬୮୪ ଜଣଙ୍କର ଶୋଚନୀୟ ଅକାଳ ମୃତ୍ୟୁ ଘଟିଛି।



ରାଜ୍ୟରେ ଜଳଜନିତ ଦୁର୍ଘଟଣା ବଢୁଥିବା ଯୋଗୁଁ ଜରୁରୀକାଳୀନ ପରିସ୍ଥିତିର ସଫଳ ମୋକାବିଲା ଏବଂ ଓଡ଼ିଶା ଜଳ ଦକ୍ଷତା ଓ ଜୀବନରକ୍ଷୀ ପ୍ରତିଷ୍ଠାନ ପ୍ରଶିକ୍ଷଣକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗର ସହଯୋଗରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର କର୍ମଚାରୀମାନେ ନିଜର ଦକ୍ଷତା ବୃଦ୍ଧି କରୁଛନ୍ତି। ରାଜ୍ୟ ଜଳଦକ୍ଷତା ଓ ଜୀବନରକ୍ଷୀ ପ୍ରତିଷ୍ଠାନରେ ବର୍ତ୍ତମାନ ସୁଦ୍ଧା ଏନ୍‌ଡିଆରଏଫ୍ ଏବଂ ଅନ୍ୟାନ୍ୟ ରାଜ୍ୟର ଅଗ୍ନିଶମ କର୍ମଚାରୀଙ୍କ ସମେତ ୫,୦୦୦ ରୁ ଅଧିକ କର୍ମଚାରୀଙ୍କୁ ବିଭିନ୍ନ ଜଳଉଦ୍ଧାର କୌଶଳ ଓ ଦୁଃସାହସିକ ପର୍ଯ୍ୟଟନ ବିଷୟରେ ଉଚ୍ଚତର ତାଲିମ ପ୍ରଦାନ କରାଯାଉଛି। ଏହି ମିଳିତ ଉଦ୍ୟମ କ୍ରମରେ ରାଜ୍ୟ ଅଗ୍ନିଶମ ସେବାର ୧୫ ଜଣ ମନୋନୀତ କର୍ମଚାରୀଙ୍କ ଏକ ସ୍ୱତନ୍ତ୍ର ଦଳ ଗୋଆସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟରସ୍ପୋର୍ଟସ୍ ରେ ଟ୍ରେନିଂ ଅଫ୍ ଟ୍ରେନର୍ସ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଉଚ୍ଚସ୍ତରୀୟ ତାଲିମ ମାଧ୍ୟମରେ କର୍ମଚାରୀମାନଙ୍କୁ ଆଡଭାନ୍ସଡ୍ ସର୍ଫ ଲାଇଫସେଭିଂ, ପାୱାରବୋଟ୍ ଓ ଜେଟ୍ ସ୍କି ପରିଚାଳନା, ସ୍କୁବା ଡାଇଭିଂ ଏବଂ ୱାଟର ସେଫ୍ଟି ଅଡିଟ୍ ସମ୍ପର୍କରେ ଗହନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଜବାନମାନେ ମାଷ୍ଟର ଇନଷ୍ଟ୍ରକ୍ଟର ଭାବେ ରାଜ୍ୟର ବିସ୍ତୃତ ଉପକୂଳବର୍ତ୍ତୀ ଅଞ୍ଚଳ, ନଦୀ ଏବଂ ଆଭ୍ୟନ୍ତରୀଣ ଜଳାଶୟଗୁଡ଼ିକରେ ବିଶ୍ୱସ୍ତରୀୟ ଜଳ ଉଦ୍ଧାର ଓ ଜଳଭିତ୍ତିକ ଆଡଭେଞ୍ଚର ସ୍ପୋର୍ଟସ୍ ସୁରକ୍ଷା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

## ପାଣିରେ ବୁଡ଼ି ୪ ନାବାଳକଙ୍କ ସମେତ ୫ ଜଣଙ୍କର ମୃତ୍ୟୁ

ଝୁମ୍ପୁରା/କବାଟବନ୍ଧ/ଶାମାଖୁଣ୍ଟା ୧୦/୧୦ (ନି.ସୂ): ଆଜି ନଦୀରେ ବୁଡ଼ି ଉଭୟ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ତିନି ନାବାଳକଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ମୁସଲିମ ବସ୍ତିର ମହମ୍ମଦ ମହିବୁର ରହମାନଙ୍କ ଦୁଇପୁଅ ଅହମ୍ମଦ ଅନସାରୀ (୧୪) ଓ ସୟଦ ଅନସାରୀ (୧୩) ଏବଂ ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଅରୁଣ ସାହୁଙ୍କ ବଡ଼ପୁଅ ଅନିଲ(୧୨)। ଝୁମ୍ପୁରା ସିଲିସୁଆଁ ନିକଟସ୍ଥ ଅରଡ଼େଇ ନଦୀରେ ରହମାନଙ୍କ ଦୁଇପୁଅ ଅହମ୍ମଦ, ସୟଦ ଓ ପଡ଼ୋଶୀ ଏମ୍‌ଡି ମଜୁମ୍‌ଙ୍କ ପୁଅ ମୁସ୍ତଫା ସାଙ୍ଗ ହୋଇ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ସମୟରେ ତିନିଜଣ ଗଭୀର ଜଳରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ନଦୀ ଭିତରକୁ ଡେଇଁ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ସୟଦଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ମୁସ୍ତଫାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରେ ବଡ଼ଭାଇ ଅହମ୍ମଦ ଅନସାରୀଙ୍କ ମୃତଦେହ ମିଳିଥିଲା।

# ସିଜେପି ପ୍ରଭାବରେ କମେଇ ଦେଲା ଛାତ୍ର ସଂସଦ ନିର୍ବାଚନ

**ସତ୍ୟବ୍ରତ ପାତ୍ର**

ଭୁବନେଶ୍ୱର, ୧୦/୧୦(ନି. ସୂ.): ନିର୍ବାଚନରୁ ଭୋଟରଙ୍କ ନାମ କାଟିବା ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀରେ କକରୋଚ ଜନତା ପାର୍ଟି (CJP) ଏବଂ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (AISA) ପକ୍ଷରୁ କରାଯାଇଥିବା ବିଶାଳ ଆନ୍ଦୋଳନ ଜାତୀୟ ରାଜନୀତିରେ ଏକ ବଡ଼ ଝଡ଼ ସୃଷ୍ଟି କରିଛି। ରାଜଧାନୀ ଦିଲ୍ଲୀରେ ୮୦ ରୁ ୯୦ ହଜାର ସୁରକ୍ଷାକର୍ମୀ ମୁତୟନ, ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ, କନଟ୍ ପ୍ଲେସ୍ ଭଳି ବ୍ୟବସାୟିକ କେନ୍ଦ୍ର ବନ୍ଦ ରହିବା ସହ ବିମାନବନ୍ଦରରୁ ସିଜେପି ନେତାମାନଙ୍କ ସମେତ ୭ ହଜାରରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିବା ଘଟଣା ସ୍ଥିତିର ଭୟାବହତାକୁ ବୟାନ କରୁଛି। ଏପରିକି



ପୂର୍ବତନ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ତୁଷାର ଗାନ୍ଧୀଙ୍କ ଭଳି ତୁଙ୍ଗ ନେତାମାନଙ୍କୁ ମଧ୍ୟ ଅଟକ ରଖାଯାଇଛି ଏବଂ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରବିବାର ସ୍ୱତନ୍ତ୍ର ଶୁଣାଣି କରିବାକୁ ଯାଉଛନ୍ତି। ତେବେ ଦେଶବ୍ୟାପୀ ଏହି ଆନ୍ଦୋଳନର ଉତ୍ତାପ ବଢୁଥିବା ବେଳେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି ଏବଂ ଏହା ପଛରେ ରହିଛି ରାଜ୍ୟ ସରକାରଙ୍କ ଏକ ସୁଚିନ୍ତିତ ରାଜନୈତିକ ରଣନୀତି।

ଦିଲ୍ଲୀରେ ଆଇସା (AISA) ନେତୃତ୍ୱରେ ଛାତ୍ର ଏବଂ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ, ଓଡ଼ିଶାରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇ ନିଜକୁ ଏହି ଝଡ଼ରୁ ସୁରକ୍ଷିତ ରଖିପାରିଛନ୍ତି। ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଦୀର୍ଘ ୮ ବର୍ଷ ଧରି ବନ୍ଦ ରହିଥିବା କଲେଜ ଛାତ୍ର ସଂସଦ ନିର୍ବାଚନକୁ ପୁନର୍ବାର ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଫଳରେ ରାଜ୍ୟର ଯୁବ ଓ ଛାତ୍ର ସମାଜର ସମ୍ପୂର୍ଣ୍ଣ ଧ୍ୟାନ ବର୍ତ୍ତମାନ ସ୍ଥାନୀୟ କ୍ୟାମ୍ପସ ରାଜନୀତି ଏବଂ କଲେଜ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ କେନ୍ଦ୍ରୀଭୂତ ହୋଇଛି। ଯେଉଁ ସମୟରେ ଜାତୀୟ ସ୍ତରରେ ବିରୋଧୀ ଦଳଗୁଡ଼ିକ ଛାତ୍ର ଅସନ୍ତୋଷକୁ ପୁଞ୍ଜି କରି କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଛନ୍ତି, ସେହି ସମୟରେ ଓଡ଼ିଶାରେ ଛାତ୍ର ନିର୍ବାଚନ ପ୍ରକ୍ରିୟା ଯୁବଗୋଷ୍ଠୀଙ୍କୁ ନିଜସ୍ୱ କ୍ୟାମ୍ପସ ନେତୃତ୍ୱ ବାଛିବାରେ ବ୍ୟସ୍ତ ରଖିଛି। ଫଳସ୍ୱରୂପ, ସିଜେପି ଓ ଆଇସା ନେତୃତ୍ୱରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନର ଢେଉ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ପର୍ଶ କରିପାରିନାହିଁ କିମ୍ବା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ କୌଣସି ଚାପ ପକାଇପାରିନାହିଁ।

ଏହାର ଅର୍ଥ ନୁହେଁ ଯେ ଓଡ଼ିଶାରେ ସିଜେପିର ଆନ୍ଦୋଳନକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଆମ ଆଦମୀ ପାର୍ଟି (AAP) ଏବଂ ଅନ୍ୟ କେତେକ ସ୍ଥାନୀୟ ସଂଗଠନ ପକ୍ଷରୁ ସିଜେପିର ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜ୍ୟରେ କିଛି ସ୍ଥାନରେ ପ୍ରଦର୍ଶନ କରାଯାଇଛି। କିନ୍ତୁ ବିଶାଳ ଛାତ୍ର ସମାଜର ପ୍ରତ୍ୟକ୍ଷ ସମ୍ପୃକ୍ତି ଏବଂ ଆଗ୍ରହ ଅଭାବରୁ ଏହି ଆନ୍ଦୋଳନ ଗୁଡ଼ିକ ସେତେଟା ପ୍ରଭାବୀ ହୋଇପାରି ନାହିଁ। ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକଙ୍କ ମତରେ, ୮ ବର୍ଷ ପରେ ଛାତ୍ର ନିର୍ବାଚନର ପୁନରୁଦ୍ଧାର କେବଳ ଏକ ସାଧାରଣ ନିଷ୍ପତ୍ତି ନୁହେଁ, ବରଂ ଏହା ରାଜ୍ୟରେ ଏଭଳି ବୃହତ୍ ଆନ୍ଦୋଳନର ପ୍ରଭାବକୁ ନିଷ୍କ୍ରିୟ କରିବାର ଏକ ସଫଳ ରକ୍ଷାକବଚ ସାବ୍ୟସ୍ତ ହୋଇଛି। କେନ୍ଦ୍ରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଥିବା ସତ୍ତ୍ୱେ ଓଡ଼ିଶାରେ ବିଜେପି ସରକାର ଛାତ୍ର ରାଜନୀତିର ଦିଗକୁ ସୁଚାରୁ ରୂପେ ପରିଚାଳିତ କରି ରାଜ୍ୟକୁ ଏହି ଜାତୀୟ ବିକ୍ଷୋଭର ସିଧାସଳଖ ପ୍ରଭାବରୁ ବହୁ ମାତ୍ରାରେ ମୁକ୍ତ ରଖିବାରେ ସକ୍ଷମ ହୋଇଛନ୍ତି।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ଗୋଷ୍ଠୀ ସଂଘର୍ଷ , ଯୁବକଙ୍କୁ ଛୁରାମାଡ଼

ଉମରକୋଟ, ୧୦।୧୦(ନି.ସୂ) : ଉମରକୋଟ ମା' ପେଣ୍ଠାଣି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ ତେଜିଲା ହିଂସା। କଲେଜ ବାହାରେ ଦୁଇ ଅଣଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ହେଲେ ଦୀପକମଲ ମହାପାତ୍ର। ବର୍ତ୍ତମାନ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଘଟଣାଟି କଲେଜ ପରିସର ଭିତରେ ଘଟିନଥିବା ବେଳେ, କଲେଜ ବାହାରେ ଡିଏନ୍‌କେସ୍ଥିତ ତିନାଥ ମନ୍ଦିର ନିକଟରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ମେଡିକାଲ ପରିସରରେ ମଧ୍ୟ ଉତ୍ତେଜନା ଦେଖା ଦେଇଛି। ଉମରକୋଟ ଥାନାରେ ଅଭିଯୋଗ ପରେ ପୋଲିସର ତଦନ୍ତ ଜାରି ରହିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, କଲେଜ ବାହାରେ କିଛି ଅଣଛାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମୁହାଁମୁହିଁ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ କଲେଜ ପରିସର ଭିତରେ କୌଣସି ଗଣ୍ଡଗୋଳ ହୋଇନଥିବା ବେଳେ, ସମସ୍ତ ଘଟଣା କଲେଜ ବାହାରେ ହୋଇଥିବା କୁହାଯାଉଛି। ପରେ ପରିସ୍ଥିତି ସାମୟିକ ଭାବେ ଶାନ୍ତ ହୋଇଥିଲେ ମଧ୍ୟ ଶନିବାର ସକାଳେ ପୁଣି ଉତ୍ତେଜନା ଦେଖାଦେଇଥିଲା। ଦୀପକମଲ ମହାପାତ୍ରଙ୍କ ଗୋଷ୍ଠୀ ପକ୍ଷରୁ ଡିଏନ୍‌କେସ୍ଥିତ ତିନାଥ ମନ୍ଦିର ନିକଟରେ ୭ରୁ ୮ ଜଣ ଆଲୋଚନା କରୁଥିବା ସମୟରେ ହଠାତ୍ ପ୍ରାୟ ୫୦ ଜଣ ଆସି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଦୀପକମଲ ମହାପାତ୍ର ଆହତ ହୋଇଥିବା ବେଳେ ତାଙ୍କ ପେଟ ଓ ହାତରେ ଆଘାତ ଲାଗିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଘଟଣା ପରେ ଉମରକୋଟ ସହରରେ ଉତ୍ତେଜନା ଲାଗିରହିଛି। ଘଟଣାକୁ ନେଇ ଉମରକୋଟ ଥାନାରେ ଅଭିଯୋଗ ଦାଖଲ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ପ୍ରଣାମ ଓଡ଼ିଶା
ରବିବାର, ଅକ୍ଟୋବର-୧୧, ୨୦୨୬
ନିର୍ଭୟ ସୂଚନା

# ସମାଜସେବୀ ଅକ୍ଷୟ ତରାଇ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା,୧୦।୧୦:କେନ୍ଦ୍ରାପଡ଼ା ଜିଲ୍ଲାର ସଂଗ୍ରାମୀ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କୁ ସ୍ୱର୍ଣ୍ଣ ଓଡ଼ିଶା ସାରସ୍ୱତ ସମାବେଶରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେନ୍ଦ୍ରାପଡାର କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ଦ୍ୱାରା ପ୍ରାୟୋଜିତ ରାଜ୍ୟ ସ୍ତରୀୟ ସ୍ୱର୍ଣ୍ଣ ଓଡ଼ିଶା ସାରସ୍ୱତ ସମାବେଶରେ ବିଦ୍ୟାଳୟର ପ୍ରତିଷ୍ଠାତା ଡ଼କ୍ଟର ମନୋଜ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ଇତ୍ୟବସରରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଜନାର୍ଦ୍ଦନ ମିଶ୍ର ମୁଖ୍ୟ ଅତିଥି



ଏବଂ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ସମ୍ପାଦକ ହେମନ୍ତ ଜେନା ମୁଖ୍ୟବକ୍ତା ଏବଂ ଡେରାବିଶ ଅଗ୍ନିଶମ ଅଧିକାରୀ ବନମାଳି ମାଝି, ବିଶିଷ୍ଟ କବି ବାଣୀଶ୍ରୀ ସସ୍ମିତା ପଣ୍ଡା ଏବଂ ଅଧକ୍ଷ ନିଶିକାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତ୍ରୈମାସିକ ସାହିତ୍ୟ ପତ୍ରିକା 'ସ୍ୱର୍ଣ୍ଣ ଓଡ଼ିଶା'କୁ ଲୋକାର୍ପିତ କରିବା ସହିତ ସାମଗ୍ରିକ ସେବା ପାଇଁ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଭିତରକନିକାରେ ମହାରାଷ୍ଟ୍ର ଚନ୍ଦ୍ରପୁର ବନାଞ୍ଚଳ ଏକାଡେମୀର ପ୍ରଶିକ୍ଷାର୍ଥୀ



ରାଜନଗର,୧୦।୧୦: ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ମହାରାଷ୍ଟ୍ରର ଚନ୍ଦ୍ରପୁର ବନାଞ୍ଚଳ ଏକାଡେମୀର ୩୬ଜଣ ଆର.ଏଫ୍.ଓ (ଫରେଷ୍ଟ ରେଞ୍ଜ ଅଫିସର) ପ୍ରଶିକ୍ଷାର୍ଥୀ ଆସିଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କର ସହ ଭିତରକନିକାର ଉଦ୍ଭିଦ ଓ ବନ୍ୟ ଜନ୍ତୁସମ୍ପଦ ସମ୍ପର୍କରେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଜ୍ଞାନ ଆହରଣ କରିଥିଲେ।ଭିତରକନିକାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଗବେଷକ ଡକ୍ଟର ପ୍ରସନ୍ନ ନାୟକ,ବନପାଳ ପ୍ରଶାନ୍ତ ସିଂ,ବନରକ୍ଷୀ ରଶ୍ମିରଞ୍ଜନ ବେହେରା ଓ ବବୁଲ କୁମାର ବେହେରା ଉପସ୍ଥିତ ଥାଇ ସହଯୋଗ କରିଥିଲେ।

# ଲଙ୍ଗଳେଶ୍ୱରରେ ଗୋପବନ୍ଧୁଙ୍କ ଜୟନ୍ତୀ




ବାଲିଆପାଳ ୧୦।୧୦( ନି ସୂ ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ମିଳିତ ସହଯୋଗ ରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଛି।ମଞ୍ଚର ସଭାପତି ସୁଶାନ୍ତ ବେହେରା ସଭାପତିତ୍ୱ କରିଥିଲେ। ସମାଜସେବୀ ଅନିରୁଦ୍ଧ ମଣ୍ଡଳ, ଉପସଭାପତି ବିନୋଦ ବିହାରୀ ଦାସ, ଶିକ୍ଷୟିତ୍ରୀ ସୁମନ ଦ୍ୱାରୀ, ଅବସରପ୍ରାପ୍ତ ଶିକ୍ଷକ ଭୈରବ ବେହେରା,କେଶବାନନ୍ଦ ଦେ,ଯଜ୍ଞେଶ୍ୱର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ଦାସ ଯୋଗଦେଇ ଗୋପବନ୍ଧୁ ଙ୍କ ଜୀବନ ଦର୍ଶନ ସମାଜ ରେ ଛାଡି ଯାଇଥିବା ସ୍ମୃତି ଚାରଣ କରିଥିଲେ। ମଞ୍ଚର ସମ୍ପାଦକ ବଂଶୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁମା ବୈଜୟନ୍ତି ରାଉଳ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସୁରଭି କାର୍ଯ୍ୟକ୍ରମ ଶିଶୁର ପ୍ରତିଭା ବିକାଶ ପାଇଁ ଏକ ଉତ୍କୃଷ୍ଟ ମାଧ୍ୟମ

ଆଠମଲ୍ଲିକ, ୧୦।୧୦ (ନି.ସୂ): ଶିଶୁ ପ୍ରତିଭା ଉତ୍ସବ ସୁରଭି କ୍ଲଷ୍ଟର ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଠମଲ୍ଲିକ ସିଆର ସି ସି ମୋନଜ କୁମାର ପାତ୍ରଙ୍କ ଅଧକ୍ଷତା ରେ ସ୍ଥାନୀୟ ବରାଗାଁ ଉ. ପ୍ରା ବିଦ୍ୟାଳୟ ପରିସରରେ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଜୋସନ୍ନା ରାଣୀ ତରିଆ ସଭାପତି, ଏବିଇଓ କୈବଲ୍ୟ କଅଁର ମୁଖ୍ୟ ଅତିଥି,



ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚିଦାନନ୍ଦ ସିଠୀ ସଂନମ୍ମାନିତ ଅତିଥି ଭାବରେ ମଞ୍ଚାସିନ ଥିଲେ। ପ୍ରତ୍ୟକ ଶିଶୁ ମାନଙ୍କ ମଧ୍ୟରେ କିଛି ବିଶେଷ ପ୍ରତିଭା ଲୁକାଇତ ହୋଇରହିଛି, ପରିବେସ, ପ୍ରସାହନ ଓ ସୁଯୋଗ ମିଳିଲେ ସେହି ପ୍ରତିଭା ର ପରିପ୍ରକାଶ ହୋଇ ପାରିବ, ସୁରଭିଭଳି କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହିତ ଆତ୍ମବିଶ୍ୱାସ ବୃଦ୍ଧି କରିବାର ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରୁଛି। ଏହା ଶିଶୁ ମାନଙ୍କର ଶିକ୍ଷାଗତ ବିକାଶ ସହିତ ସୃଜନଶୀଳତା ଓ କଳାତ୍ମକ ଦକ୍ଷତାର ବିକାଶ ରେ ମଧ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସୁରଭି ୨୦୨୬ ଅବସରରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଚମତ୍କାର ଭାବରେ ନିଜର ବିପ୍ରତିଭା କୁ ପ୍ରଦର୍ଶନ କରିଥିଲେ। ଏହିପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ର ସଫଳ ଆୟୋଜନ ଓ ପରିଚାଳନା ରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଙ୍କର ସମନ୍ୱୟ, ଛାତ୍ରଛାତ୍ରୀ ଙ୍କର ଉତ୍ସାହ ଓ ଅଭିଭାବକ ଙ୍କର ସହଯୋଗ ଯୋଗୁ ଅଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ ସୁରଭି ୨୦୨୬କାର୍ଯ୍ୟକ୍ରମ ସଫଳତା ଲାଭ କରିପାରିଛି।

# ତିନି ଜୁଆଡ଼ି ସହିତ, ଦୁଇ ବାଇକ ଦୁଇ ମୋବାଇଲ ଜବତ

ଛତ୍ରପୁର, ୧୦।୧୦ (ନି.ସୂ): ଚମାଖଣ୍ଡି ଥାନା ଅନ୍ତର୍ଗତ ହରିପୁର ଗାଁ ରେ ଜୁଆ ଖେଳ ଚାଲିଥିବା ଖବର ପାଇ ଚମାଖଣ୍ଡି ପୋଲିସ ଚଢ଼ାଉ କରି ତିନି ଜଣକୁ ଗିରଫ କରିବା ସହିତ, ୩ ହଜାର ଉର୍ଦ୍ଧ ଟଙ୍କା, ୨ଟି ବାଇକ ଓ ୨ଟି ମୋବାଇଲ ଜବତ କରିଛି । ଏ ନେଇ ଥାନାରେ କେସ ୩୯୮/୨୬ ରେ ମାମଲା ରୁଜୁକରି ଅଭିଯୁକ୍ତ ମାନଂକୁ କୋର୍ଟ ଚାଲାଣ କରିଛି ପୋଲିସ ।



# ଏସ ଜେ ଆର ୱାରୀୟାର୍ସ ଗୁରୁଜଙ୍ଗ ଓ ବି ଏସ ଏ ଭାଲିଆ ବାଡ଼ି ବିଜୟୀ

ଖୋରଧା ୧୦।୧୦(ନି.ସୂ) :ଖୋରଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ତୃତୀୟ ଦିବସ ର ପ୍ରଥମ ମ୍ୟାଚ୍ ରେ ଏସ ଜେ ଆର ୱାରୀୟର୍ସ ଗୁରୁଜଙ୍ଗ ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ କୁବ କୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ମୁକୁନ୍ଦପ୍ରସାଦ ପ୍ରଥମେ ବ୍ୟାଟିଂ କରି ଦଳ ୧୮.୪ ଓଭର ରେ ୧୨୯ ରନ୍ କରି ସମସ୍ତ ଉଇକେଟ ହରାଇଥିଲା । ଦଳ ପକ୍ଷରୁ ଅର୍ଷଦ୍ ଖାନ ସର୍ବାଧିକ ୨୭ ରନ୍ କରିଥିଲେ। ଗୁରୁଜଙ୍ଗ ପକ୍ଷରୁ ମହେଶ୍ୱର ଚମ୍ପତି ୩ ଟି ୱିକେଟ ହାସଲ କରିଥିଲେ।ଜବାବ୍ ରେ ଗୁରୁଜଙ୍ଗ ୧୩ ଓଭର ରେ ୪ ଟି ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଅର୍ଦ୍ଧଶତକ ହାସଲ କରିଥିବା ସୂର୍ଯ୍ୟକାନ୍ତ ବଡ଼ଜେନା ଙ୍କୁ ଅତିଥି ସାଗର ସିମେଣ୍ଟ ର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ବେହେରା ଓ ବରିଷ୍ଠ ସାମ୍ବାଦିକ ପ୍ରଦୀପ ବେହେରା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେବାଲୁଙ୍କେଶ୍ୱର ୱାରୀୟାର୍ସ ତମାଣ୍ଡୋ ବି ଏସ ଏ ଭାଲିଆବାଡିକୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ତମାଣ୍ଡୋ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା। ଭାଲିଆବାଡ଼ି ଦଳ ୧୮ ଓଭର ରେ ୧୦ ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା ।ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ସର୍ବାଧିକ ୪୫ ରନ୍ ସଂଗ୍ରହ କରିଥିଲେ।ତମାଣ୍ଡୋ ପକ୍ଷରୁ ଆୟୁଷ ସ୍ୱାଇଁ ୩ ଟି ୱିକେଟ ହାସଲ କରିଥିଲେ।ଜବାବ୍ ରେ ତମାଣ୍ଡୋ ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ୧୩୨ ରନ୍ ରେ ଅଲଆଉଟ୍ ହୋଇ ୩୫ରନ୍ ରେ ପରାସ୍ତ ହୋଇଥିଲା। ଆଲରାଉଣ୍ଡ ପ୍ରଦର୍ଶନ ପାଇଁ ଭାଲିଆବାଡି ଦଳର ସାଗର ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଭବାନୀ ଶଙ୍କର ଶତପଥୀ ଓ ଅସିତ୍ ଶତପଥୀ ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।ଆଜିର ମ୍ୟାଚ୍ କୁ ଅସିତ୍ ଶତପଥୀ,ପ୍ରଶାନ୍ତ ବେହେରା, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ।ସେହିପରି ଭାଷ୍ୟକାର ଭାବରେ ରାଜେନ୍ଦ୍ର ବେହେରା ଓ ଏସ.କେ ସାଜନ୍ କାର୍ଯ୍ୟ ତୁଲାଇଥିଲେ। ୧୧/୧୦/୨୬ ରବିବାର ପ୍ରଥମ ମ୍ୟାଚ ବାଲୁଙ୍କେଶ୍ୱର ୱାରୀୟାର୍ସ ଟମାଣ୍ଡୋ ବନାମ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ଓ ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଡେଆରବୁଲ୍ସ ବନାମ ମିଳନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।




# ପଞ୍ଚାୟତ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ



ସିନାପାଲି ୧୦।୧୦ (ନି.ସୂ) ନୂଆପଡା ଜିଲ୍ଲା, ସିନାପାଲି ବ୍ଲକ ଅନ୍ତର୍ଗତ ଖର୍ସେଲ ପଞ୍ଚାୟତ ସ୍ଥିତ ଖେଳପଡିଆ ଠାରେ ସାଲେବିଡି ଗ୍ରାମ ଆନୁକୁଲ୍ୟରେ ନୂଆଖାଇ ଭେଟଘାଟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯୁବ ସମାଜସେବୀ ତଥା କଳାକାର ଡ.ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ମୁଖ୍ୟ ବକ୍ତା ଭାବେ କପିଳେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ଦିନେଶ ତିୱାରୀ, ତେଜରାଜ ବାଗ,ନିଲଜୀ କଲେଜ ପ୍ରିନ୍ସିପାଲ ଲଳିତ ସୁନାରୀ, ଫରସରାମ ସା, ମହେଶ କୁମାର ତିୱାରୀ, ମହେନ୍ଦ୍ର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଧିରେନ୍ଦ୍ର ସା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନେ ପ୍ରଥମେ ଦେବ ପୂଜନ କାର୍ଯ୍ୟକ୍ରମ କଲାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ମାନେ ନୂଆଖାଇ ଭେଟଘାଟ ଉତ୍ସବ ନେଇ ନିଜନିଜ ମତ ପ୍ରକାଶ କରିଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ମନର ମଲି ମେଲୋଡି ସମ୍ବଲପୁରୀ ନାଚଗୀତରେ ଦର୍ଶକଙ୍କ ମନକୁ ଦିର୍ଘ ସମୟ ଧରି ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମ ରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଚନ୍ଦ୍ରପୁର ମଣ୍ଡଳର ଡାଙ୍ଗସରଡା ଶକ୍ତି କେନ୍ଦ୍ର ମାସିକ ବୈଠକ

ଚନ୍ଦ୍ରପୁର, ୧୦।୧୦ (ନି.ସୂ): ଚନ୍ଦ୍ରପୁର ମଣ୍ଡଳ ର ଡାଙ୍ଗଶରଡା ଶକ୍ତି କେନ୍ଦ୍ର ଠାରେ ଶିବ ମନ୍ଦିର ମଣ୍ଡପରେ ଭାରତୀୟ ଜନତା ପାର୍ଟି ଶକ୍ତି କେନ୍ଦ୍ର ସ୍ତରୀୟ ମାସିକ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଶ୍ରୀ ଫକୀର ମୋହନ ଗୁମିଡାଙ୍ଗାଙ୍କ ଅଧକତାରେ ଅନୁଷ୍ଠିତ ସମାରୋହ, ସାଙ୍ଗଠନିକ ଦକ୍ଷତା ବୃଦ୍ଧି, ସରଳ ଆପର ବାବ୍ୟହର ଉଖଚ ମଧ୍ୟମରେ ଶତ ପ୍ରତିଶତ , ମଣ୍ଡଳ ର ମୋର୍ଚ୍ଚା କମିଟି ଓ ମନ କି ବାତ୍ , ଶକ୍ତି କେନ୍ଦ୍ର ଗୁଡ଼ିକୁ କିପରି କିପରି ମଜଭୁତ କରିବାକୁ ହେବ ଏହା ଉପରେ ଆଲୋଚନା ହୋଇଥିଲା । ବୈଠକ ରେ ଚନ୍ଦ୍ରପୁର ମଣ୍ଡଳ ପ୍ରଭାରୀ ଶ୍ରୀ ରୁଦ୍ର ପ୍ରସାଦ ମଗିଲିଙ୍କ ଉପସ୍ଥିତ ଏବଂ ଦଳକୁ କିପରି ଆଗକୁ ବଡିଚାଲିବ ତା ଉପରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ଭାରତୀୟ ଜନତା ପାର୍ଟିର ବୁଡୁଣି ମଲ୍ଲିକ ମଣ୍ଡଳ ସାଧାରଣ ସମ୍ପାଦିକା,ଉଷାରାଣୀ ସାହୁ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରି , ପୁରନ୍ଦର କୁସିଲିଆ ମଣ୍ଡଳ ଝଉ ମୋର୍ଚ୍ଚା ସଭାପତି, ମୋନଜ କୁମାର ଲିମା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି,ଧନଫୁଲ ହିକକା, ସହଦେବ କୁଶିଲିଆ, ରାଜେନ୍ଦ୍ର କୁଟ୍ରୁକା, ଯଦୁନାଥ ଦଣ୍ଡସେନା, ମୋହନ ବାଗ,ବିନଦ ମୁଣ୍ଡିକା ସୁରେଶ ଶବର ସିମନ୍ ପ୍ରଷ୍ଟା, ଓ ଙ୍କ ସହ ଶତାଧିକ କର୍ମୀ ଶକ୍ତି କେନ୍ଦ୍ର ପ୍ରମୁଖ ଓ ଶକ୍ତି କେନ୍ଦ୍ର ପ୍ରଭାରୀ ମଧ ଉପସ୍ଥିତ ଥିଲେ। ଏଇ ବୈଠକ ରେ ଚନ୍ଦ୍ରପୁର ପ୍ରଭାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦଳକୁ ଆଗାମୀ ଦିନରେ ତୃଣମୂଳ ସ୍ତରକୁ କିପରି ଅଧିକା ଆଗକୁ ନିଆଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ବିଜାପୁର ଶକ୍ତି କେନ୍ଦ୍ର ର ପ୍ରଭାରୀ ସୋମୁନାଥ ଦଣ୍ଡସେନା ଧନ୍ୟବାଦ୍ ଦେଇ ବୈଠକ କୁ ସାଙ୍ଗ କରିବା ସହ ଭୋଜନ ଦେବା ସହ ଆନନ୍ଦ ପ୍ରକାଶ କରିଥିଲେ।



# ଛାତ୍ର ସଂସଦ ନିର୍ବାଚନ ପାଇଁ କଞ୍ଚୁଟି ପଞ୍ଚାୟତ ପ୍ରହଲ୍ଲାଦ୍ ମହାବିଦ୍ୟାଳୟ



## ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପଲାଭାରି

ମାହାଙ୍ଗା,୧୦।୧୦(ନି.ସୂ) ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଘୋଷଣାକୁ ନେଇ ଶ୍ରେଣୀଗୃହରୁ ହଷ୍ଟେଲ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଏବଂରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ରାଜ୍ୟରେ ଶେଷ ଥର ପାଇଁ ୨୦୧୭ ମସିହାରେ ନିୟମିତ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତତ୍ ପରବର୍ତ୍ତୀ ସମୟରେ 'ତିତଲି' ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ,କ୍ୟାମ୍ପସ୍‌ରେ ଅଶାନ୍ତି ଏବଂ ମହାମାରୀ କାରଣରୁ ନିର୍ବାଚନ ପ୍ରକ୍ରିୟା ବନ୍ଦ ରହିଥିଲା। ବର୍ତ୍ତମାନ, ପ୍ରାୟ ଏକ ଦଶନ୍ଧି ପରେ ଏକ ଗଣତାନ୍ତ୍ରିକ ସ୍ୱର ଗଠନ କରିବା ପାଇଁ ଛାତ୍ର ନେତାମାନେ ସେମାନଙ୍କର ପ୍ରଥମ ସୁଯୋଗକୁ ହାତକୁ ନେଉଛନ୍ତି।

ଇଉଠଚ ଏବଂ ଇଉଔଉ ସମେତ ପ୍ରମୁଖ ଛାତ୍ର ସଂଗଠନଗୁଡ଼ିକ ବର୍ତ୍ତମାନ ସକ୍ରିୟ ଭାବେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ର ପି.ପି.କଲେଜ ରେ ରାଜନୀତି ର ମାହଲ ଜୋରଦାର୍ ଦେଖିବାକୁ ମିଳିଛି ବିଭିନ ଦଳ ର ସମର୍ଥିତ ପ୍ରାର୍ଥୀ ନିଜ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଇଉଔଉ ପକ୍ଷରୁ ସଭାପତି ଭାବେ ମନୋଜ କୁମାର ପରିଡା,ଉପସଭାପତି ଭାବେ ଲକ୍ଷ୍ମୀ ପ୍ରିୟା ମଲିକ,ଯେନେରାଲ୍ ସେକ୍ରେଟାରୀ ଭାବେ ସ୍ମୃତିରେଖା ପ୍ରଧାନ, ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରୀ ଭାବେ ବର୍ଷାରାଣୀ ଖୁଣ୍ଟିଆ,ଗତକାଲି ପ୍ରାର୍ଥୀମାନେ ସେମାନଙ୍କର ଆନୁଷ୍ଠାନିକ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି,ଏହି ନିର୍ବାଚନ ପ୍ରକ୍ରିୟାରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ତୀବ୍ର ପ୍ରତିଯୋଗିତାମୂଳକ ମନୋଭାବ ଏବଂ କ୍ୟାମ୍ପସ୍‌ରେ ପୂର୍ବରୁ ଦେଖାଦେଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି, ଉଚ୍ଚଶିକ୍ଷା ବିଭାଗ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ କଠୋର ନିୟମାବଳୀ ଲାଗୁ କରୁଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ ୧୩ଟି ବିଶ୍ୱବିଦ୍ୟାଳୟ ଏବଂ ୩୦୦ରୁ ଅଧିକ ସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜରେ ଏକ ନିରପେକ୍ଷ ଓ ହିଂସାମୁକ୍ତ ନିର୍ବାଚନ ସୁନିଶ୍ଚିତ କରାଯିବ ଅକ୍ଟୋବର ୧୫ ତାରିଖ ସକାଳେ ଭୋଟ୍ ଗ୍ରହଣ କରାଯିବ ଏବଂ ସେହି ଦିନ ଅପରାହ୍ନରେ ଫଳାଫଳ ଘୋଷଣା କରାଯିବାର ସମ୍ଭାବନା ରହିଛି। ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଅକ୍ଟୋବର ୧୬ ତାରିଖରେ ଶପଥ ଗ୍ରହଣ କରିବେ।

# ୧୯ ତାରିଖରେ ମା' ଡୋକରୀଙ୍କ ଛତର ଯାତ୍ରା

## ମୁଖ୍ୟ ଆକର୍ଷଣ ସାଜିବେ ମ.ରାମପୁରର 'କଟପ୍ପା' ଓ ତାଙ୍କ ସାଥୀ

**ମ.ରାମପୁର, ୧୦।୧୦ (ନି.ସୂ):** କଳାହାଣ୍ଡି ଜିଲ୍ଲା ମ.ରାମପୁରର ପ୍ରସିଦ୍ଧ ଇଷ୍ଟଦେବୀ ମା' ଡୋକରୀଙ୍କ ଛତର ଯାତ୍ରା ଆସନ୍ତା ୧୯ ତାରିଖ ନବମୀ ତିଥିରେ ଅନୁଷ୍ଠିତ ହେବ। ଏହି ପାରମ୍ପରିକ ଧାର୍ମିକ ଉତ୍ସବକୁ ନେଇ ମ.ରାମପୁର ସମେତ ଆଖପାଖ ଅଞ୍ଚଳରେ ଏବେଠାରୁ ଉତ୍ସାହ ଓ ଉଦ୍ଦୀପନାର ପରିବେଶ ସୃଷ୍ଟି ହୋଇଛି।



ଚଳିତବର୍ଷ ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିବେ ମ.ରାମପୁର ବ୍ଲକ ଉମ କର୍ଲାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ପେନ୍ଦିକୂପା ଗ୍ରାମର ନାରାୟଣ ଦାସ। ସେ ଅଞ୍ଚଳରେ 'ମ.ରାମପୁର କଟପ୍ପା' ନାମରେ ବେଶ୍ ପରିଚିତ। ନିଜର ନିଆରା ବେଶଭୂଷା, ଅଭିନୟ ଓ ମନୋରଞ୍ଜନଧର୍ମୀ ପ୍ରଦର୍ଶନ ମାଧ୍ୟମରେ ସେ ଦର୍ଶକଙ୍କ ମନ ଜିଣିବାକୁ ପ୍ରସ୍ତୁତ ହେଉଛନ୍ତି।ଜେନାଖାଲଠାରୁ ମା' ଡୋକରୀଙ୍କ ମନ୍ଦିର ପର୍ଯ୍ୟନ୍ତ ଯାତ୍ରାପଥରେ 'କଟପ୍ପା' ଓ ତାଙ୍କ ସାଥୀମାନେ ବିଭିନ୍ନ ଆକର୍ଷଣୀୟ ବେଶରେ ସଜ୍ଜିତ ହୋଇ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଓ ଅଭିନୟ ପ୍ରଦର୍ଶନ କରିବେ। ପୁଷ୍ପରାଜ, ଅସୁର, ରାକ୍ଷସ ଓ ନର୍ତ୍ତକୀ ଆଦି ବିଭିନ୍ନ ବେଶରେ ସେମାନଙ୍କ ଅଭିନୟ ଓ ନୃତ୍ୟ ପ୍ରଦର୍ଶନ ଯାତ୍ରାର ଆକର୍ଷଣକୁ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି।ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ମା' ଡୋକରୀଙ୍କ ଛତର ଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ମା'ଙ୍କ ଆଶୀର୍ବାଦ ଲାଭ କରିବା ଆଶାରେ ମାନସିକଧାରୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଏହି ଯାତ୍ରାରେ ଯୋଗଦେଇଥାନ୍ତି। ପାରମ୍ପରିକ ବାଦ୍ୟ, ଭକ୍ତିମୟ ପରିବେଶ ଓ ଭକ୍ତଙ୍କ ସମାଗମରେ ଯାତ୍ରାସ୍ଥଳ ଉତ୍ସବମୁଖର ହୋଇଉଠେ।ଚଳିତବର୍ଷ 'କଟପ୍ପା' ଓ ତାଙ୍କ ସାଥୀଙ୍କ ନିଆରା ପ୍ରଦର୍ଶନ ଯାତ୍ରାର ଆକର୍ଷଣ ବଢ଼ାଇବା ସହ ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ପାଲଟିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ଷ୍ଟେଟବ୍ୟାଙ୍କ ପେନସନର୍ସ ବାର୍ଷିକ ସମ୍ମିଳନୀ




କେନ୍ଦ୍ରାପଡ଼ା,୧୦।୧୦:ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ,ପାରାଦୀପ ପକ୍ଷରୁ ଷ୍ଟେବ୍ୟାଙ୍କ ପେନସନର୍ସ ମାନଙ୍କ ଏକ ବାର୍ଷିକ ସମ୍ମିଳନୀ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁରସ୍ଥିତ ଶ୍ୟାମକାଳୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ମହାପ୍ରବନ୍ଧକ ପୀୟୁସରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାବଗ୍ରାହୀ କଳାନିକେତନର କଳାକାରମାନେ ବିମଳ ପରିଡାଙ୍କ ନିର୍ଦ୍ଦେଶନାରେ ଓଡିଶୀ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ଶତାଧିକ ପେନସନର୍ସ ଯୋଗଦେଇଥିବାରୁ ଆଞ୍ଚଳିକ ମହାପ୍ରବନ୍ଧକ ଶ୍ରୀ ସ୍ୱାଇଁ ଖୁସି ବ୍ୟକ୍ତକରି ଅବସର ପରେ ବରିଷ୍ଠମାନଙ୍କର ଏହା ପୁର୍ନମିଳନ ଏବଂ ସେମାନଙ୍କର ଅଭାବ, ଅସୁବିଧା ସମ୍ପର୍କରେ ଭାବର ଆଦାନ ପ୍ରଦାନ ଏଭଳି ଭେଟର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ ଅବସର ପରେ ପେନସନ ଭୋଗିମାନେ ବ୍ୟାଙ୍କରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରି ଏହାର ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଥିସହିତ ଶ୍ରୀ ମେକାପ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ଡିସପେନସରୀ ଖୋଲାଯିବାରେ ବହୁତ ବିଳମ୍ବ ହେଉଥିବାରୁ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘର ରାଜ୍ୟ ଉପସଭାପତି ଶିବପ୍ରସାଦ ବେହେରା ପେନସନର୍ସ ସଙ୍ଘ କିଭଳି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଷ୍ଟେଟବ୍ୟାଙ୍କ ଟ୍ରିବ୍ୟୁଟ ତଥା ସ୍ୱାସ୍ଥ୍ୟବୀମାର ଉନ୍ନତିକରଣ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘର ଓଡିଶା ରାଜ୍ୟ ସାଂଗଠନିକ ସମ୍ପାଦକ ଅନ୍ନଦାଶଙ୍କର ଜେନା ପେନସନର୍ସ ସଙ୍ଘର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କିତ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ ଓଡିଶା ରାଜ୍ୟ ପୂର୍ବତନ ସଭାପତି ସ୍ୱାଧୀନ କୁମାର ଦାଶ ସଙ୍ଘର ଆବଶ୍ୟକତା ତଥା ବ୍ୟାଙ୍କ କର୍ତ୍ତୃପକ୍ଷ ଏଭଳି ସମ୍ମିଳନୀ ବର୍ଷକୁ ଥରେ ଆୟୋଜନ କରିବାର ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ଏହାଦ୍ୱାରା ଅବସର ପରେ ବରିଷ୍ଠମାନେ ବହୁତ ମାନସିକ ଶାନ୍ତି ପାଉଥିବା ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ସମ୍ମିଳନୀରେ ଉପସ୍ଥିତ ଥିଲେ। ୭୫ବର୍ଷରୁ ଅଧିକ ବରିଷ୍ଠ ପେନସନର୍ସମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟର ଅଧିକାରୀ ସ୍ମିତିପ୍ରଜ୍ଞା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଞ୍ଚଳିକ କାର୍ଯ୍ୟାଳୟର ମାନବସମ୍ବଳ ପରିଚାଳକ ଶକ୍ତିପ୍ରସନ୍ନ ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପପରିଚାଳକ ପ୍ରଣୟ ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଗୋପବନ୍ଧୁ ଜୟନ୍ତୀ ପାଳିତ



ଆଠମଲ୍ଲିକ,୧୦। ୧୦ (ନି.ସୂ) ଆଠମଲ୍ଲିକ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗତ ୯ ତାରିଖ ଦିନ ଗୋପବନ୍ଧୁ ଜୟନ୍ତୀ (ସେବା ଦିବସ )' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମାତୃମଣ୍ଡଳୀ ର ସଦସ୍ୟା ମିନାକ୍ଷୀ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ର ଶିଶୁ ବାଟିକା ପ୍ରମୁଖ ବିଳାସିନୀ ଦେବୀ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କର ଜୀବନୀ ଉପରେ ଶିଶୁମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ସୁଷମା ଗୁରୁମା ଅତିଥି ଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ରୋଜାଲିନ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବରିଷ୍ଠ ଆଚାର୍ଯ୍ୟା ଲିପସାମୟୀ ଶତପଥି ଙ୍କ ତତ୍ତ୍ୱାବଧାନ ରେ ସମସ୍ତ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟ ର ପରିସର ରେ ସେବାକାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମମିତା ଗୁରୁମା, ଅର୍ଚ୍ଚନା ଗୁରୁମା, ଶକୁନ୍ତଳା ଗୁରୁମା ଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ସେବିକା ମାନେକାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ରାଜନଗର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ

# ଛାତ୍ର ସଂସଦ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ରାଜନଗର,୧୦।୧୦; ରାଜନଗର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ଚୂଡା' ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପ୍ରାର୍ଥୀ ଭାବେ ନିତ୍ୟାନନ୍ଦ ବାଗ, ରାକେଶ ଦା. ସ୍ମୃତିରଂଜନ ଜେନା , ଉପସଭାପତି ପଦବୀ ପାଇଁ ମେଘମାଳା ରାଉତରାୟ, ନଳିନୀକା' ପ୍ରଧାନ, ସ୍ମୃତିଲିପି ବେହେରା ସାଧାରଣ ସଂପାଦକ ପଦବୀ ପାଇଁ ମଳୟକୁମାର ମାହୁଁ', ରୂପାଲୀ ସ୍ୱାଇଁ, ସତୀଶ ନାୟକ ସହ-ସଂପାଦକ ପଦବୀ ପାଇଁ ବର୍ଷାରାଣୀ ନାୟକ, ଗାୟତ୍ରୀ ମାଝି ଓ ନୀଳିମା ଜେନା, ଶ୍ରେଣୀ ପ୍ରତିନିଧି ଭାବେ ପ୍ରଭୁଜିତ ବିଶ୍ୱାଳ, ପୂଜାରାଣୀ ସ୍ୱାଇଁ, ସିଦ୍ଧା' ସାହୁ, ଦିପ୍ତୀମୟୀ ରାଉତ, ପ୍ରକାଶ ବାଗ, ପ୍ରଜ୍ଞାପରମିତା ବାଗ , ସୌରଭ ବେହେରା, କ୍ରୀଡା ସଂପାଦକ ପଦବୀ ପାଇଁ ଅରିମର୍ଦ୍ଦନ ପ୍ରଧାନ, ଭକ୍ତବତ୍ସଳ ପରିଡା, ସହ-କ୍ରୀଡାସଂପାଦକ ପଦବୀ ପାଇଁ ବିଶ୍ୱଜିତ ଘୋଷ, ଦୀପୁଙ୍କର ଦାସ, ସାଂସ୍କୃତିକ ସଂପାଦକ ପଦବୀ ପାଇଁ ଐଶ୍ୱର୍ଯ୍ୟା ରାଉତ, ବର୍ଷାରାଣୀ ଚଣ୍ଡ, ରାଜଶ୍ରୀ ସ୍ୱାଇଁ ସହ-ସାଂସ୍କୃତିକ ସଂପାଦକ ପଦବୀ ପାଇଁ ପ୍ରିୟଦର୍ଶନୀ ପରିଡା, ସୌମିତ୍ରା ମଳିକ, ଦିବାଧାୟୀ (ଡିଏସଏ) ସଂପାଦକ ପଦବୀ ପାଇଁ ସମ୍ବିତ ପ୍ରଧାନ, ସୁଶ୍ମିତା ସେଠୀ, ସହ-ଦିବାଧାୟୀ (ଡିଏସଏ)ସଂପାଦକ ପଦବୀ ପାଇଁ ଶମ୍ଭୁ ରଣା(ଅପ୍ରତିଦ୍ୱନ୍ଦୀ), ପତ୍ରିକା ସଂପାଦକ ପଦବୀ ପାଇଁ ସଙ୍ଗୀତା ବେହେରା, ସତ୍ୟବ୍ରତ କୁଣ୍ଡ, ଶୁଭସ୍ମିତା ଜେନାଙ୍କ ନାମ ମହାବିଦ୍ୟାଳୟ ପକ୍ଷରୁ ଚୂଡା' ପ୍ରାର୍ଥୀ ତାଲିକାରେ ପ୍ରକାଶ ପାଇଛି । କ୍ରୀଡା ସଂପାଦକ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସୁଇଟ୍ ଦାସ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜଣାପଡିଛି । ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଏନଏସୟୁଆଇ ଓ ବିଜୁ ଛାତ୍ର ଜନତାଦଳର ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାପଡିଛି ।






ଚନ୍ଦନ ବୃକ୍ଷରେ ସାପ ରହିଥାଏ ।
ଜଳରେ ପଦ୍ମ ସହିତ କୁମ୍ଭୀର ଥାଏ ।
ସୁଖ ଭୋଗ ସ୍ଥାନରେ ଗୁଣନାଶକ ଖଳ ଲୋକ ରହିଥାନ୍ତି ।
ଅତଏବ କୌଣସି ଠାରେ ବିଘ୍ନ ନଥାଇ ସୁଖ ମିଳେ ନାହିଁ ।

## ପ୍ରତିହିଂସାର ପତାକାବାହୀ ପ୍ରତିକ୍ରିୟାଶୀଳ

କାହିଁ କେଉଁ କାଳୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପିତା ବସୁଦେବ ଦେବକୀଙ୍କୁ ବାହା ହୋଇଥିଲେ । ପାଣ୍ଡବଙ୍କ ମାମୁ ଶଲ୍ୟ ଦେବକୀଙ୍କୁ ଚାହୁଁଥିଲେ, କିନ୍ତୁ ପାଇଲେ ନାହିଁ । ସେହି ହିଂସାର ଅନଳରେ ଜଳିପୋଡ଼ି ଶଲ୍ୟ ବିଚଳିତ ଥିଲେ । ଶଲ୍ୟ ମହାଯୋଦ୍ଧା । ମହାଭାରତ ଯୁଦ୍ଧରେ ଯେହେତୁ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷର ସାରଥି ହେଲେ ଶଲ୍ୟ କୌରବ ପକ୍ଷର କର୍ଣ୍ଣଙ୍କର ଦୁର୍ଯ୍ୟୋଧନ ପାଖକୁ ଗଲେ । ଏ କେବେଳକୁ ନଗାଭକ୍ଷ ଅବଦମିତ ପ୍ରତିହିଂସାର ପ୍ରକୃତିର ପରିପ୍ରକାଶ । ମହାଭାରତର ଚକ୍ରବ୍ୟୂହକୁ ବର୍ଣ୍ଣନା କରାଯାଇପାରେ, ମାତ୍ର ଆମ ସମୟର ଚକ୍ରବ୍ୟୂହ ଅବର୍ଣ୍ଣନୀୟ । କେବଳ ଅବର୍ଣ୍ଣନୀୟ ନୁହେଁ -ଅଦୃଶ୍ୟମାନ । ଏହି ଅଦୃଶ୍ୟମାନ ଚକ୍ରବ୍ୟୂହରେ ପ୍ରତିନିୟତ ଅଗଣିତ ଅଭିମନ୍ୟୁଙ୍କ ନିଧନ କରାଯାଉଛି । ସାରା ପୃଥିବୀରେ ଚାରୁଣୁ ଏହି ଚକ୍ରବ୍ୟୂହ ମଧ୍ୟରେ ତାଳବିଦ୍ଧ, ଅଭିବିଦ୍ଧ ଅବସ୍ଥାରେ ଊର୍ଦ୍ଧ୍ୱଶ୍ୱାସ - ଅଥଚ ଏ ଅବସ୍ଥା ଦେଖିବାକୁ ଆଖି ନାହିଁ କି ସାକ୍ଷୀ ନାହିଁ । ଏହା ତେବେ କିଭଳି ଚକ୍ରବ୍ୟୂହ ? କେଉଁଠି ଯୁଦ୍ଧ ଚାଲିଛି ? କାହିଁକି ?

ପ୍ରଶ୍ନ ପ୍ରଚୁର । ମାତ୍ର ଉତ୍ତର ନାହିଁ । ଯୁଆଡେ ଅନେଇବେ କେବଳ କଙ୍କାଳ । ଗୋଟିଏ ବି ମୁହଁ କେଉଁଠି ଦିଶୁ ନାହିଁ । ମୁହଁ ଥିଲେ ସିନା କଥା ଶୁଣିବା, ମୁଖାଗୁଡାକ କ'ଣ କହିବେ ? ଆମ ଆଗରେ ଏବେ ଖାଲି ମୁଖାପିନ୍ଧା କୋଳାହଳକାରୀ । ଆମରି ଆଖି ଆଗରେ ଦେଖା ଗଲାଣି । ଦୁର୍ଦ୍ଧାନ୍ତ ମହାଯୋଦ୍ଧା ସଦ୍ଦାମ ହୁସେନଙ୍କୁ ଯୁଦ୍ଧଖୋର ଆମେରିକାର ନିକସନ୍ ଚକ୍ରର ଦେବାରେ ନାକେଦମ୍ କେଇଗଲେ । ଆମେରିକାବାଲା ଷଡଯନ୍ତ୍ର, ବିଶ୍ୱାସଘାତକତା କରି ଇରାକ୍‌ରେ ମହାଘାତକ ପରମାଣୁ ବୋମା ଅଛି ବୋଲି ପ୍ରଚାର କରାଇ ଜବରଦସ୍ତ ପଶିଲେ । ସଦ୍ଦାମ ଛାଡିବା ଲୋକ ନୁହଁନ୍ତି । ସେ ମାଗିଲେ ନାହିଁ – ମୁକାବିଲା କରିବାକୁ ପ୍ରସ୍ତୁତ ହେଲେ । ଇରାକ-ଆମେରିକାର ଘମାଘୋଟ ଯୁଦ୍ଧ ଆରମ୍ଭ ହେଲା । ଇରାକ ଧ୍ୱଂସସ୍ତୂପରେ ପରିଣତ ହେଲା । ଶେଷରେ ସଦ୍ଦାମ ହୁସେନଙ୍କୁ ପାତାଳ ଭିତରୁ ଧରିଆଣି ମିଛ ବିଚାରରେ ଫାଶୀଦଣ୍ଡ ଦିଆଗଲା । ନିକସନ୍ କାହିଁକି ଏମିତି କଲେ ? ସଦ୍ଦାମ ହୁସେନ ଇରାକର ଏୟାରପୋର୍ଟ ରାସ୍ତା ଚଟାଣରେ ନିକସନଙ୍କ ବିରାଟକାୟ ଚିତ୍ର ସ୍ଥାପନ କଲେ । ସମସ୍ତେ ନିକ୍ସନ୍ ଛାତି ଉପରେ ଯୋତା ମାଡି ଯିବେ । ଏହା ନିକସନଙ୍କୁ ବାଧିଥିଲା । ସେ ପ୍ରତିହିଂସାର ନିଆଁରେ ହୁତୁହୁତୁ ଜଳୁଥିଲେ – ତାର ଫଳ ଇରାକ ଜନଗଣ ଏପରିକି ଶିଶୁ, ନାଗରିକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର – ଗୁଳି ବୋମାରେ ଜୀବନ ନାଶ । ଇରାକର ଅର୍ଥନୀତିକୁ ଧ୍ୱଂସ ।

ସଭ୍ୟତାର ସକରୁଣ ସ୍ମୃତି ସବୁ ଆମପାଇଁ ଅତିକ୍ଷ ସମୟର ଉପାଦକ ଉପହାର । ଏ ଉପହାର ଆମ ମଣିଷ ସମାଜକୁ ଚକ୍ରବ୍ୟୂହର ଚରିତ୍ର ମାନଙ୍କ ପକ୍ଷରୁ ଗୋଟିଏ ଗୋଟିଏ ପ୍ରଚଣ୍ଡ ପ୍ରହାର ! ସେ ପ୍ରହରର ମନପ୍ରାଣ ତ୍ରସ୍ତ – ଚେତିନା ରକ୍ତାକ୍ତ – ବିବେକ କ୍ଷତାକ୍ତ । ଆମେ କ'ଣ ଏଯାବତ୍ ଭୁଲିପାରିଛୁ ସେ ଅବିଶ୍ୱାସ ଦିବସର ବର୍ବର ବୃତ୍ତାନ୍ତ ନା ସେଇ ଅଚିନ୍ତନୀୟ ରାତ୍ରିର ଜଘନ୍ୟ ଯୋଜନା ? ସେ ଦାରୁଣ ଦିବସ ଆସିଥିଲା ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ । ଜୁଲିଅସ୍ ସିଜରଙ୍କୁ ରୋମ୍‌ର ସିନେଟ୍‌ରେ ସଭ୍ୟମାନଙ୍କ ସମ୍ମିଳୀତ ଆକ୍ରମଣର ସାମ୍ନା କରିବାକୁ ପଡିଥିଲା ସେଦିନ । ସିଜର ଥିଲେ ଅନମନୀୟ ମହାବୀର । ଶେଷ ପର୍ଯ୍ୟନ୍ତ ଜାରି ରଖିଥିଲେ ନିଜ ସ୍ୱର୍ଦ୍ଧିତ ପୌରୁଷର ପ୍ରତ୍ୟାଘାତ । ମାତ୍ର ଅନ୍ତିମ ମୁହୂର୍ତ୍ତ ଆସିଥିଲା ଠିକ୍ ସେତିକିବେଳେ, ଯେତେବେଳେ ତାଙ୍କ ପୃଷ୍ଠଭାଗ ସ୍ପର୍ଶ କରେ ଶତ୍ରୁର ତରବାରୀ ନୁହେଁ – ପ୍ରିୟତମ ବନ୍ଧୁର ଶାଣିତ ଛୁରିକା । ପ୍ରିୟବନ୍ଧୁଙ୍କୁ ଏଭଳି ଭୂମିକାରେ ଦେଖିଦେଇ ସେ ଗଭୀର ଦୁଃଖରେ ତଳେ ଥୋଇଦେଲେ ଅସ୍ତ୍ର । ଶେଷ ଦୁଇତିନୋଟି ଶବ୍ଦ ଥିଲା ସ୍ୱତଃସ୍ପୁର୍ତ୍ତ – ଓଃ ! ୟୁ 'ବ୍ରୁଟସ୍' ...ବ୍ରୁଟ୍...

ଚକ୍ରବ୍ୟୂହ ! ହାୟ, ଏ ଚକ୍ରବ୍ୟୂହରେ କେବଳ ବୈରୀ ନୁହେଁ, ବନ୍ଧୁ ବି ହୋଇପାରେ ଚମକପ୍ରଦ ଚରିତ୍ରଟିଏ ! ସିଜରଙ୍କ ନିଧନ ଦିବସରେ ୧୦୦ ବର୍ଷ ପରେ ପୃଥିବୀକୁ ଆସିଥିଲା ଆଉ ଏକ ବିଚିତ୍ରରଙ୍ଗର ରାତ୍ରୀ – ସେ ରାତ୍ରୀ ଯୀଶୁଖ୍ରୀଷ୍ଟଙ୍କର ଶେଷ ରାତ୍ରୀ । ସମବେତ ୧୨ ଜଣ ପ୍ରିୟ ଶିଷ୍ୟଙ୍କ ସହିତ ସେ ନିଜ ଜୀବନର ଅନ୍ତିମ ଭୋଜନ ଗ୍ରହଣ କରିବା ପରେ ତାଙ୍କୁ ଶତ୍ରୁମାନଙ୍କ ହାତରେ ଧରାଇଦେଇଥିଲେ 'ଯୁଦାସ୍' – ଖୋଦ୍ ଯିଏ ତାଙ୍କ ପ୍ରିୟତମ ଶିଷ୍ୟ । ଏହି ବିଶ୍ୱାସଘାତକାତର ବିନିମୟ ମୂଲ୍ୟ ଥିଲା ତିରିଶିଟି ରୌପ୍ୟ ମୁଦ୍ରା ମାତ୍ର ଫ କ୍ରୁଶବିଦ୍ଧ ଯୀଶୁ କ୍ଷମା କରିଯାଇଛନ୍ତି ଆମର ଏ ଚକ୍ରବ୍ୟୂହବଦ୍ଧ ସଭ୍ୟତାକୁ ଚକ୍ରବ୍ୟୂହ ! ହାୟ, ଏ ଚକ୍ରବ୍ୟହର ଚରିତ୍ର ଏଠି କେବଳ ସତର୍କ ଶତ୍ରୁ ନହେଁ, ପ୍ରିୟତମ ଶିଷ୍ୟ ମଧ୍ୟ ! ପ୍ରତାରଣାର ପ୍ରଚୁର ପର୍ଯ୍ୟାୟ ଅତିକ୍ରମ କରିଆସିଛନ୍ତି ଚକ୍ରବ୍ୟୂହ – ଚକ୍ରବ୍ୟୂହ କବଳିତ କରୁଣ ଶିକାର ମାନେ । ଆପଣମାନେ ସକ୍ରେଟିସଙ୍କ ନାଁ ଶୁଣିଥିଲେ । ଖ୍ରୀଷ୍ଟପୂର୍ବ ୪୭୦ରେ ଜନ୍ମ ନେଇଥିଲେ ବିଶ୍ୱପ୍ରସିଦ୍ଧ ଦାର୍ଶନିକ, ମହକାଶ ବିଜ୍ଞାନୀ, ପଣ୍ଡିତ ଶାସ୍ତ୍ରବିଦ୍, ପ୍ରକୃତି ବିଜ୍ଞାନୀ, ନୀତିଶାସ୍ତ୍ରଜ୍ଞ ଲେଖକ, କବି, ରାଜନୈତିକ ସକ୍ରେଟିସ୍ ତାଙ୍କର ଅନେକ ଗବେଷଣାରେ ପ୍ରମାଣସିଦ୍ଧ ତଥ୍ୟ ଓ ତତ୍ତ୍ୱକୁ ସେ ଶୁଣାଉଥିଲେ ଗ୍ରୀକ୍ ଅଧିବାସୀଙ୍କୁ । ତାଙ୍କର ସବୁଠାରୁ ବଡ ତତ୍ତ୍ୱ ଥିଲା – ଅନ୍ଧ ଭାବେ ଈଶ୍ୱର ବିଶ୍ୱାସକୁ ପରିତ୍ୟାଗ କରି ଯୁକ୍ତି ଓ ଅଭିଜ୍ଞତାସିଦ୍ଧ ଜ୍ଞାନକୁ ପ୍ରୟୋଗ କରି ସତ୍ୟକୁ ଜାଣିନେଲେ – ସବୁ ସମସ୍ୟାର ସମାଧାନ ହୋଇଯିବ । ଏହି ସିଦ୍ଧାନ୍ତକୁ ଗ୍ରୀକ୍‌ର ଅଧିକାଂଶ ଶିକ୍ଷିତ ଯୁବଗୋଷ୍ଠୀ ଗ୍ରହଣ କଲେ । ହେଲେ ସେ ସମୟର ମୁଣ୍ଡିଆଳମାନେ ପ୍ରବଳ ପ୍ରତିହିଂସା ବହ୍ନିରେ ଜଳିଲେ । ତାଙ୍କୁ ବନ୍ଦି କରି ମିଥ୍ୟା ମକଦ୍ଦମାର ରାୟରେ ମୃତ୍ୟୁଦଣ୍ଡ ଦେଲେ । ନାଁ ସେ କ୍ଷମା ପ୍ରାର୍ଥନା କଲେ ନା ସେ ଦେଶ ଛାଡି ପଳାୟନ କଲେ । ତାକୁ ବିଷ ପିଆଇ ମାରି ଦିଆଗଲା । ସେହି ସକ୍ରେଟିସ୍ ଦିନେ ବତି ଜଳାଇ ରାଜରାସ୍ତାରେ ଖୋଜୁଥିଲେ ଭଲ ମଣିଷ, କିନ୍ତୁ ଜଣକୁ ବି ପାଇଲେନାହିଁ । ଗାଲିଲିଓ ଗେଲିଲି ୧୫୬୪ରେ ଇଟାଲିରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପଦାର୍ଥ ବିଜ୍ଞାନୀ ଓ ଗଣିତଜ୍ଞ । ସେ କହୁଥିଲେ – କେବଳ ବିଶ୍ୱାସ ବଦଳରେ ନୁହେଁ ବରଂ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଏବଂ ଗାଣିତିକ ପ୍ରମାଣ ଦ୍ୱାରା ପ୍ରକୃତିର ଘଟଣାବଳୀକୁ ଠିକ୍ ଭାବେ ବୁଝାଯାଇ ପାରିବ । ୧୯୦୭ ମସିହାରେ ଏକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ତିଆରି କରି ସେ ଗ୍ରହ ଓ ନକ୍ଷତ୍ରମାନଙ୍କୁ ଅନୁଧ୍ୟାନ କରିବା ସହିତ ବୈଜ୍ଞାନିକ କୋପରନିକସଙ୍କ ସୂର୍ଯ୍ୟକୈନ୍ଦ୍ରିକ ବ୍ରହ୍ମାଣ୍ଡ ତତ୍ତ୍ୱ ସମର୍ଥନ କରିଥିଲେ । ଫଳରେ ସେ ସମୟର ଧର୍ମାଧିକାରୀମାନେ ଅଭିଯୋଗ ଆଣିଲେ – ଗାଲିଲିଓ ଈଶ୍ୱର ଓ ଧର୍ମକୁ ଅବମାନନା କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରାଇଛନ୍ତି । ତାକୁ ଗିରଫ କରି କାରାଗାର ଅନ୍ଧକାର ମଧ୍ୟରେ ନିକ୍ଷେପ କରାଗଲା । କୁହାଗଲା–ସେ ଭୁଲ ସ୍ୱୀକାର କରି ନିଜର ତତ୍ତ୍ୱଜ୍ଞାନକୁ ପ୍ରତ୍ୟାଖ୍ୟାନ କଲେ ଦଣ୍ଡ କୋହଳ କରାଯାଇପାରେ । ସତ୍ୟନିଷ୍ଠ ଗାଲିଲିଓ ସତ୍ୟରୁ ଓହରି ନଯାଇ କହିଲେ – 'ଯାହା ସତ୍ୟ ତାକୁହିଁ ଗ୍ରହଣ କରିବା ଛଡା ବିକଳ୍ପ ନାହିଁ । ଇଟାଲିର ଶାସକଶ୍ରେଣୀ, ଧର୍ମାନ୍ଧ ବ୍ୟକ୍ତିମାନେ ପ୍ରତିହିଂସାର ଚରମ ସୀମାକୁ ଯାଇ ଗାଲିଲିଓଙ୍କୁ ଅତ୍ୟନ୍ତ ଅପମାନଜନକ ଭାବେ ଅମାନବୀୟ ନିର୍ଯାତନା ଦେଇ ବର୍ଷ ବର୍ଷ ଧରି କାରାଦଣ୍ଡରେ ଦଣ୍ଡିତ କଲେ । ସତ୍ୟ ପ୍ରତିଷ୍ଠା ଲାଗି ପ୍ରାଣ ହରାଇଥିଲେ ୧୬୪୨ ମସିହାରେ ।

ଚକ୍ରବ୍ୟୂହ ରଚନା କରିଚାଲୁଥିବା ଚରିତ୍ରଗୁଡାକୁ ଆମେ ଚେତନାସ୍ତ୍ର ସହାୟତାରେ ଭୂଲୁଣ୍ଠିତ କରିପାରିବା । ଏହି ଚେତନାସ୍ତ୍ରର ଅଧିକାରୀ ହୋଇପାରିଲେ ହିଁ ଆଜିର 'ଅବର୍ଣ୍ଣନୀୟ' ଓ 'ଅଦୃଶ୍ୟମାନ' ଚକ୍ରବ୍ୟୂହର ଚରିତ୍ର ଅନାୟାସରେ ଚିହ୍ନଟ ହୋଇପାରିବ । ଜଳଜଳ ଦିଶିବ ଛଦ୍ମବେଶର ଛଳନା ସବୁ । ଫୁଲପତ୍ରର ଏହି ପୃଥିବୀରେ ପ୍ରତିହିଂସା ନିଜ ବିଷବୃକ୍ଷର କଂଟା ବିଛାଇ କେତେ ଯେ ଅଘଟଣ ଘଟାଇଯାଇଛି – କେବଳ ଇତିହାସ ହିଁ ତା'ର ମୂକସାକ୍ଷୀ । ଆମ ଭାରତବର୍ଷରେ ମଧ୍ୟ ବହୁ ମହାମାନବ, ସତ୍ୟନିଷ୍ଠ ମଣିଷଙ୍କୁ କମ୍ ନିର୍ଯାତନା ଭୋଗିବାକୁ ପଡିନି । ସବୁଠି କ୍ଷମତା ଓ ସମ୍ପତି୍ ଲୋଭରେ ରକ୍ତପାତ । ଏସବୁ ଇତିହାସ ରାମାୟଣ, ମହାଭାରତକୁ ବଳିଯିବ ।

**ମାୟାଧର ନାୟକ,ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୦୩୪୧୬୩**

## ସୂଚନା

ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ' ନିର୍ଭୟ ସୂଚନା'ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।

ଇମେଲ - **nirbhaysuchana@gmail.com**ରେ ଲେଖା ପଠାଇବାକୁ ଅନୁରୋଧ ।

**ସମ୍ପାଦକ 'ନିର୍ଭୟ ସୂଚନା'**

# ଶାରଦୀୟ ନବରାତ୍ରି ଉତ୍ସବ



ଡକ୍ଟର ଲକ୍ଷ୍ମଣ ସାହୁ

ଏ ବର୍ଷ, ଶାରଦୀୟ ନବରାତ୍ରି ଉତ୍ସବ ରବିବାର, ଅକ୍ଟୋବର ୧୧ ତାରିଖରେ ଆରମ୍ଭ ହେବ । ଦେବୀ ଦୁର୍ଗାଙ୍କ ଭକ୍ତମାନେ ସମ୍ପୂର୍ଣ୍ଣ ନଅ ଦିନ ପାଇଁ ପୂଜା ଓ ଉପବାସ କରିବେ । ଏହି ଦିନ, ଘର ଓ ମନ୍ଦିରରେ କଳଶ ସ୍ଥାପନ ସହିତ ଦେବୀ ଦୁର୍ଗାଙ୍କ ପୂଜା ଆରମ୍ଭ ହେବ । ନବରାତ୍ରିର ଶେଷ ଦିନ, ଅକ୍ଟୋବର ୧୯ ତାରିଖରେ ମହାନବମୀ ପାଳନ କରାଯିବ ଓ ପରବର୍ତ୍ତୀ ଦିନ, ଅକ୍ଟୋବର ୨୦ ତାରିଖରେ ଦଶହରା ପାଳନ କରାଯିବ ।

କ୍ୟାଲେଣ୍ଡର ଅନୁସାରେ, ଆଶ୍ୱିନ ମାସର ଶୁକ୍ଳ ପକ୍ଷର (ଚନ୍ଦ୍ର ପକ୍ଷର ଉଜ୍ଜ୍ୱଳ ପକ୍ଷ) ପ୍ରତିପଦ ତିଥି ଅକ୍ଟୋବର ୧୦ ତାରିଖ ରାତି ପ୍ରାୟ ୯:୧୯ ରେ ଆରମ୍ଭ ହେବ । ଏହି ତିଥି ଅକ୍ଟୋବର ୧୧ ତାରିଖ ରାତି ପ୍ରାୟ ୯:୩୦ ପର୍ଯ୍ୟନ୍ତ ଚାଲିବ ।ଉଦୟ ତିଥି ଉପରେ ଆଧାର କରି, ଅକ୍ଟୋବର ୧୧ ତାରିଖକୁ ନବରାତ୍ରିର ପ୍ରଥମ ଦିନ ଭାବରେ ବିବେଚନା କରାଯିବ। ନବରାତ୍ରିର ପ୍ରଥମ ଦିନରେ ଘଟସ୍ଥାପନ (କଳଶ ସ୍ଥାପନ କରିବାର ବିଧି) ବିଶେଷ ଗୁରୁତ୍ୱ ରଖେ । ଏହା ଦେବୀ ଦୁର୍ଗାଙ୍କ ନଅ ଦିନ ବ୍ୟାପୀ ପୂଜା ଆରମ୍ଭ କରେ । ଏହା ପରେ, କଳଶକୁ ଦେବୀ ଶୈଳପୁତ୍ରୀ ଭାବରେ ପୂଜା କରାଯାଏ । ଘଟସ୍ଥାପନ ସମୟରେ, ଏକ ମାଟି ବେଦୀରେ ଯବ ବୁଣିବାର ପରମ୍ପରା ଅଛି । ଏହା ପରେ, କଳଶକୁ ପାଣିରେ ପୂର୍ଣ୍ଣ କରାଯାଏ ଓ ତା' ଉପରେ ଆମ୍ବ କିମ୍ବା ଅଶୋକ ପତ୍ର ଓ ନଡ଼ିଆ ଲଗାଯାଏ । ପୂଜା ସ୍ଥାନରେ ଏକ ଅନନ୍ତ ଜ୍ୱାଳା ଜଳାଇବାର ମଧ୍ୟ ପରମ୍ପରା ଅଛି । ଏହି ସମୟରେ, ଦେବୀ ହାତୀ ଉପରେ ଆସୁଛନ୍ତି, କିନ୍ତୁ ତାଙ୍କ ପ୍ରସ୍ଥାନ ପାଇଁ ଯାତ୍ରାକୁ ଶୁଭ ବୋଲି ବିବେଚନା କରାଯାଏ ନାହିଁ । ପ୍ରକୃତରେ ପ୍ରତିବର୍ଷ ଶାରଦୀୟ ନବରାତ୍ରିରେ ଯେଉଁ ଯାନରେ ମାତା ଦେବୀ ଆଗମନ କରନ୍ତି ଓ ପ୍ରସ୍ଥାନ କରନ୍ତି ତାହାର ପ୍ରଭାବ ବିଶ୍ୱ ଉପରେ ପଡ଼ିଥାଏ । ତେଣୁ ଏଥର ଲୋକମାନେ କେଉଁ ଯାନରେ ମାତା ଦେବୀ ପ୍ରସ୍ଥାନ କରନ୍ତି ତାହା ଜାଣିବାକୁ ଆଗ୍ରହୀ । ଏହି ଦିନ ଘଟସ୍ଥାପନର ଶୁଭ ସମୟ ସକାଳ ୬:୧୯ ରୁ ୧୦:୧୧୨ପର୍ଯ୍ୟନ୍ତ ରହିବ । ମାହେନ୍ଦ୍ର ମୁହୂର୍ତ୍ତ ସକାଳ ୧୧:୪୪ ରୁ ୧୨:୩୧ ପର୍ଯ୍ୟନ୍ତ ବୋଲି କୁହାଯାଏ ।

ଏଥର ଶାରଦୀୟ ନବରାତ୍ରି ମଙ୍ଗଳବାର ଅକ୍ଟୋବର ୨୦ ତାରିଖରେ ଶେଷ ହେଉଛି। ଶାସ୍ତ୍ରରେ ମଙ୍ଗଳବାର ଓ ଶନିବାର ଦେବୀଙ୍କ ପ୍ରସ୍ଥାନକୁ ଚରଣଯୁଦ୍ଧ ବାହନ ଭାବରେ ବର୍ଣ୍ଣନା କରାଯାଇଛି । ଲୋକକଥା ଅନୁସାରେ, ଚରଣଯୁଦ୍ଧର ଅର୍ଥ ପାରମ୍ପରିକ ଭାବରେ କୁକୁଡ଼ା ସହିତ ଜଡିତ। ଏହି ବିଶ୍ୱାସ ଅନୁସାରେ, ମଙ୍ଗଳବାର ଦିନ ମା ଦୁର୍ଗାଙ୍କ ପ୍ରସ୍ଥାନ ଚରଣଯୁଦ୍ଧରେ ହେବ । କୁକୁଡ଼ାରେ ଦେବୀଙ୍କୁ ବିଦାୟ ଦେବା ଅଶୁଭ ବୋଲି ବିବେଚନା କରାଯାଏ । ଏହି ବାହନକୁ ଦୁଃଖ, ପାରସ୍ପରିକ ମତଭେଦ ଓ ପ୍ରାକୃତିକ ବିପର୍ଯ୍ୟୟର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହା ସାମାଜିକ ବିଭ୍ରାଟ, ମାନସିକ ଅଶାନ୍ତି ଓ ପ୍ରେମଜନିତ ସମସ୍ୟା ସୃଷ୍ଟି କରିପାରେ । ପ୍ରାୟ ୧୦୦ ବର୍ଷର ବ୍ୟବଧାନ ପରେ ନବରାତ୍ରି ସମୟରେ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ 'ଗଜକେଶରୀ ରାଜଯୋଗ' ସୃଷ୍ଟି କରୁଛି । ନଅ ଦିନିଆ ଏହି ପର୍ବ ଏକ ଅତ୍ୟନ୍ତ ବିରଳ ଓ ଉଲ୍ଲେଖନୀୟ ଖଗୋଳୀୟ ସଂଯୋଗ ଭାବରେ ପରିଚିତ। ତେଣୁ ଏହି ନଅ ଦିନିଆ ପର୍ବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହେଉଛି ।

ନବରାତ୍ରି ସମୟରେ ଦେବଗୁରୁ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ ଅତ୍ୟନ୍ତ ଫଳପ୍ରଦ ଗଜକେଶରୀ ରାଜଯୋଗ ସୃଷ୍ଟି କରୁଛି । ଜ୍ୟୋତିଷ ଶାସ୍ତ୍ରରେ ଏହି ମହାଯୋଗକୁ ପଦ, ପ୍ରତିଷ୍ଠା, ଅପାର ଧନ, ବୌଦ୍ଧିକ କ୍ଷମତା ଓ ସୌଭାଗ୍ୟର କାରକ ଭାବରେ ବିବେଚନା କରାଯାଏ । ଏଥର ନବରାତ୍ରିର ପବିତ୍ର ଦିନଗୁଡ଼ିକରେ ଏହି ଯୋଗର ଗଠନ ଅନେକ ଲୋକଙ୍କ କ୍ୟାରିଅର, ସ୍ୱାସ୍ଥ୍ୟ ଓ ବୈବାହିକ ଜୀବନରେ ପ୍ରମୁଖ ଓ ସକାରାତ୍ମକ ପରିବର୍ତ୍ତନ ଆଣୁଛି । ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ନଅଟି ରୂପ ପୂଜା କରାଯାଏ । ସେହି ସମୟର ପୂଜା କ୍ରମ ଅନୁଯାୟୀ ହେବ।

୧୧ ଅକ୍ଟୋବର, ନବରାତ୍ରିର ପ୍ରଥମ ଦିନ, ଦେବୀ ଶୈଳପୁତ୍ରୀଙ୍କ ପୂଜା କରାଯିବ। ତାଙ୍କୁ ଦେବୀ ଦୁର୍ଗାଙ୍କ ପ୍ରଥମ ରୂପ ଭାବରେ ବିବେଚନା କରାଯାଏ । ୧୨ ଅକ୍ଟୋବରରେ ଦେବୀ ବ୍ରହ୍ମଚାରିଣୀଙ୍କ ପୂଜା କରାଯିବ । ଭକ୍ତମାନେ ଏହି ଦିନ ଉପବାସ ପାଳନ କରନ୍ତି ଓ ଦେବୀଙ୍କ ପୂଜା କରନ୍ତି । ୧୩ ଅକ୍ଟୋବରରେ ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯିବ । ଦେବୀଙ୍କ ଏହି ରୂପ ସାହସ ଓ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ। ଅକ୍ଟୋବର ୧୧ ରେ ଶାରଦିଆ ନବରାତ୍ରି ଆରମ୍ଭ । ଏହାକୁ ଏକତ୍ରିତ ଭାବରେ ଦେଖାଯାଏ । ୧୪ ଅକ୍ଟୋବରରେ ମା କୁଷ୍ମାଣ୍ଡାଙ୍କ ପୂଜା କରାଯିବ । ୧୫ ଅକ୍ଟୋବରରେ ମା ସ୍କନ୍ଦମାତାଙ୍କ ପୂଜା କରାଯିବ । ୧୬ ଅକ୍ଟୋବରରେ ମା କାତ୍ୟାୟନୀଙ୍କ ପୂଜା କରାଯିବ । ୧୭ ଅକ୍ଟୋବରରେ ମା କାଳରାତ୍ରିଙ୍କ ପୂଜା କରାଯିବ । ୧୮ ଅକ୍ଟୋବରରେ ଅଷ୍ଟମ ଦିନରେ ମା ମହାଗୌରୀଙ୍କ ପୂଜା କରାଯିବ। ଏହି ଦିନ ଅନେକ ସ୍ଥାନରେ କନ୍ୟା ପୂଜନ ମଧ୍ୟ କରାଯାଏ । ୧୯ ଅକ୍ଟୋବରରେ ଅର୍ଥାତ୍ ନବରାତ୍ରିର ନବମ ଦିନରେ ମା ସିଦ୍ଧିଦାତ୍ରୀଙ୍କ ପୂଜା କରାଯିବ । ଏହି ଦିନ ମହାନବମୀ ପର୍ବ ପାଳିତ ହେବ। ଏଥର ନବରାତ୍ରିର ଅଷ୍ଟମୀ ଉଭୟ ଦିନ ଅର୍ଥାତ୍ ୧୮ ଏବଂ ୧୯ ତାରିଖରେ ପାଳନ କରାଯାଇପାରିବ ।

ଅଷ୍ଟମୀରେ ମା ମହାଗୌରୀଙ୍କୁ ପୂଜା କରାଯିବ । ଅନେକ ଘରେ ଅଷ୍ଟମୀରେ କନ୍ୟା ପୂଜନ ଓ ହବନ କରାଯାଏ । ପଞ୍ଜାବରେ,



ଅଷ୍ଟମୀ ତିଥି ୧୯ ଅକ୍ଟୋବର ସୋମବାର ସକାଳ ୧୦:୫୨ ପର୍ଯ୍ୟନ୍ତ ରହିବ । ତେଣୁ, ଉଦୟ ସମୟ ଅନୁସାରେ, ସୋମବାର ହିଁ ଅଷ୍ଟମୀ ପାଳନ କରାଯିବ । ଏହା ପରେ, ସେହି ଦିନ ମହାନବମୀ ମଧ୍ୟ ପାଳନ କରାଯାଇପାରିବ । ନବମୀରେ ମା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ । ନବରାତ୍ରି ଉପବାସ ପାଳନ କରୁଥିବା ଅନେକ ଭକ୍ତ ଏହି ଦିନ କନ୍ୟା ପୂଜନ ପରେ ଉପବାସ ଭଙ୍ଗ କରନ୍ତି। ତଥାପି ପରିବାର ଓ ଅଞ୍ଚଳ ଅନୁସାରେ ଉପବାସ ଭାଙ୍ଗିବାର ପରମ୍ପରା ଭିନ୍ନ ହୋଇପାରେ ।

ନବରାତ୍ରିର ନଅ ଦିନ ମଧ୍ୟରେ ଦେବୀ ଦୁର୍ଗାଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ପ୍ରତ୍ୟେକ ଦିନ ଦେବୀଙ୍କୁ ବିଶେଷ ନୈବେଦ୍ୟ ଅର୍ପଣ କରାଯାଏ । ନବରାତ୍ରିର ନଅ ଦିନ ମଧ୍ୟରେ କେଉଁ ରୂପ ପାଇଁ କେଉଁ ନୈବେଦ୍ୟ ଶୁଭ ବୋଲି ବିବେଚନା କରାଯାଏ ।

ନବରାତ୍ରିର ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ଶୁଦ୍ଧ ଗାଈ ଘିଅ ଅର୍ପଣ କରିବାର ପରମ୍ପରା ଅଛି । ବିଶ୍ୱାସ ଅନୁଯାୟୀ ଦେବୀ ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ । ଭକ୍ତମାନେ ଭକ୍ତିର ସହିତ ଦେବୀଙ୍କୁ ଘିଅ ଅର୍ପଣ କରନ୍ତି ଓ ତା'ପରେ ପ୍ରସାଦ ଗ୍ରହଣ କରନ୍ତି । ଦ୍ୱିତୀୟ ଦିନରେ ଦେବୀ ବ୍ରହ୍ମଚାରିଣୀଙ୍କୁ ପୂଜା କରାଯାଏ। ଏହି ଦିନ ଦେବୀଙ୍କୁ ଚିନି, ମିଠା କିମ୍ବା ପଞ୍ଚାମୃତ ଅର୍ପଣ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ ବ୍ରହ୍ମଚାରିଣୀଙ୍କୁ ମିଠା ଅର୍ପଣ କରି ଦାନ କରିବା ଦ୍ୱାରା ଦୀର୍ଘାୟୁ ଓ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ନବରାତ୍ରିର ତୃତୀୟ ଦିନରେ ମା ଚନ୍ଦ୍ରଘଣ୍ଟାଙ୍କୁ ପୂଜା କରାଯାଏ । ଏହି ଦିନ କ୍ଷୀର ଓ କ୍ଷୀର ଆଧାରିତ ମିଠା ଅର୍ପଣ କରିବାର ପରମ୍ପରା ଅଛି । ବିଶେଷ ଭାବରେ ଦେବୀଙ୍କୁ ଖୀର ଅର୍ପଣ କରାଯାଏ । ଏହା ବିଶ୍ୱାସ କରାଯାଏ ଯେ ମା ଚନ୍ଦ୍ରଘଣ୍ଟାଙ୍କୁ କ୍ଷୀର ଆଧାରିତ ନୈବେଦ୍ୟ ଅର୍ପଣ କରିବା ଦ୍ୱାରା ଜୀବନରେ ସୁଖ ଓ ଶାନ୍ତି ଆସିଥାଏ ଓ ନକାରାତ୍ମକ ପରିସ୍ଥିତିରୁ ମୁକ୍ତି ମିଳିଥାଏ।

ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମାଲପୁଆ ଅର୍ପଣକୁ ପବିତ୍ର ବୋଲି ବିଶ୍ୱାସ କରାଯାଏ । ପୂଜା ପରେ, ମାଲପୁଆ ଭୋଗକୁ ଅଭାବୀ କିମ୍ବା ଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରିବାର ମଧ୍ୟ ପରମ୍ପରା ଅଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଏହା ଜ୍ଞାନ ଓ ବିଚକ୍ଷଣତା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ । ପଞ୍ଚମ ଦିନରେ ଦେବୀ ସ୍କନ୍ଦମାତା ପାଳନ କରାଯାଏ। ଏହି ଦିନ ଦେବୀଙ୍କୁ କଦଳୀ ଅର୍ପଣ କରାଯାଏ । ପୂଜା ପରେ, କଦଳୀକୁ ପ୍ରସାଦ ଭାବରେ ବଣ୍ଟନ କରିବାର ପରମ୍ପରା ଅଛି। ବିଶ୍ୱାସ ଅନୁସାରେ, ଦେବୀ ସ୍କନ୍ଦମାତାଙ୍କୁ କଦଳୀ ଅର୍ପଣ କରିବା ଦ୍ୱାରା ଜ୍ଞାନ, ସୁଖ ଓ ସମୃଦ୍ଧି ମିଳିଥାଏ।

ଷଷ୍ଠ ଦିନ ଦେବୀ କାତ୍ୟାୟନୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମହୁ ଅର୍ପଣ କରିବାର ପରମ୍ପରା ରହିଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ କାତ୍ୟାୟନୀଙ୍କୁ ମହୁ ଅର୍ପଣ କରିବା ଦ୍ୱାରା ଜୀବନରେ ମଧୁରତା ଓ ସକାରାତ୍ମକତା ଆସିଥାଏ । ଭକ୍ତମାନେ ଶ୍ରଦ୍ଧାର ସହିତ ମହୁ ଅର୍ପଣ କରିବା ପରେ ଏହାର ପ୍ରସାଦ ଗ୍ରହଣ କରନ୍ତି । ସପ୍ତମ ଦିନ ନବରାତ୍ରିରେ ଦେବୀ କାଳରାତ୍ରିଙ୍କୁ ଗୁଡ଼ ମା କାଳରାତ୍ରିଙ୍କ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ଗୁଡ଼ ଅର୍ପଣ କରାଯାଏ । କିମ୍ବଦନ୍ତୀ ଅନୁସାରେ, ଦେବୀ କାଳରାତ୍ରିଙ୍କୁ ପୂଜା କରାଯାଏ । ବିଶ୍ୱାସ କରାଯାଏ ଯେ ଗୁଡ଼ ଅର୍ପଣ କରିବା ଦ୍ୱାରା ଭୟ ଏବଂ ନକାରାତ୍ମକତା ଦୂର ହୁଏ । ପୂଜା ପରେ ପ୍ରସାଦ ଭାବରେ ଗୁଡ଼ ବଣ୍ଟନ କରିବା ଏକପ୍ରକାର ଶୁଭ ବୋଲି ବିବେଚନା କରାଯାଏ ।

ଅଷ୍ଟମ ଦିନ ମହାଗୌରୀ ଦେବୀଙ୍କୁ ନଡ଼ିଆ ଅଷ୍ଟମୀ ତିଥିରେ ଦେବୀ ମହାଗୌରୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବାର ପରମ୍ପରା ରହିଛି । ଅନେକ ସ୍ଥାନରେ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ପରେ ପ୍ରସାଦ ଭାବରେ ବଣ୍ଟନ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ମହାଗୌରୀ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ଦ୍ୱାରା ମନସ୍କାମନା ପୂରଣ ହୁଏ ଓ ପରିବାରରେ ଶାନ୍ତି ଓ ସୁଖ ଆଣେ ବୋଲି ବିଶ୍ୱାସ କରାଯାଏ।

ନବମ ଦିନ: ଦେବୀ ସିଦ୍ଧିଦାତ୍ରୀଙ୍କୁ ଶସ୍ୟ ଓ ହାଲୱା-ପୁରୀ ଅର୍ପଣ – ନବରାତ୍ରିର ଶେଷ ଦିନରେ ଦେବୀ ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ । ଏହି ଦିନ, ହାଲୱା, ଚଣା, ପୁରୀ, ଖୀର ଓ ପୁଆ ଭଳି ଦେବୀ ପ୍ରସାଦ ଅର୍ପଣ କରିବାର ପରମ୍ପରା ଅଛି । ତା'ପରେ ଏହି ପ୍ରସାଦ ଝିଅ, ଅଭାବୀ ଓ ଅନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ଏପରି କରିବା ଦ୍ୱାରା ଜୀବନରେ ସୁଖ,ଶାନ୍ତି ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ ।

ନବରାତ୍ରି ପରେ, ବିଜୟାଦଶମୀ, ବା ଦଶହରା, ମଙ୍ଗଳବାର, ଅକ୍ଟୋବର ୨୦ ତାରିଖରେ ପାଳିତ ହେବ । ଏହି ଦିନ, ଦେବୀ ଦୁର୍ଗାଙ୍କ ପୂଜା କରିବା ପରେ, ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ କରାଯାଏ । ଦଶହରାରେ ରାବଣ, କୁମ୍ଭକର୍ଣ୍ଣ ଓ ମେଘନାଦଙ୍କ ପ୍ରତିମୂର୍ତ୍ତି ଜାଳିବାର ମଧ୍ୟ ପରମ୍ପରା ଅଛି । ହିନ୍ଦୁ ଧର୍ମରେ, ବିଜୟାଦଶମୀ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ । ଏହି ଦିନ ପ୍ରଭୁ ରାମ ରାବଣଙ୍କୁ ବଧ କରିଥିଲେ । ଦେବୀ ପରମ୍ପରାରେ, ଏହାକୁ ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟ ଭାବରେ ପାଳନ କରାଯାଏ ।

ଏହି ପର୍ବ ସହିତ ଜଡିତ ଓ ଶାସ୍ତ୍ର ଅନୁସାରେ ସନ୍ଧି ପୂଜାର ଶୁଭ ସମୟ ହେଉଛି ଅକ୍ଟୋବର ୧୯ ତାରିଖ ସୋମବାର ସକାଳ ୧୦:୨୭ ରୁ ୧୧:୧୫ ପର୍ଯ୍ୟନ୍ତ । ଏହି ସନ୍ଧି ସମୟରେ ଦେବୀ ଦୁର୍ଗା ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ ଓ ମୁଣ୍ଡ ରାକ୍ଷସମାନଙ୍କୁ ବଧ କରିଥିଲେ । ତେଣୁ, ସନ୍ଧି ପୂଜା ସମୟରେ, ୧୦୮ଟି ଦୀପ ଜଳାଇ ଓ ୧୦୮ଟି ପଦ୍ମ ଫୁଲ ଅର୍ପଣ କରି ଦେବୀଙ୍କୁ ଶାନ୍ତ କରାଯାଏ... ! ! !

**ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ସଂପର୍କ: ୯୦୪୦ ୧୫୧୪୭୫**

# ଲୋକତନ୍ତ୍ରରେ ଦଳୀୟ ନିର୍ବାଚନ

**ପଙ୍କଜ କୁମାର ପାଣିଗ୍ରାହୀ**

ସାଧାରଣ ଜନତାଙ୍କ ମଧ୍ୟରୁ ଜଣେ ଜ୍ଞାନୀ, ନିଃସ୍ୱାର୍ଥପର, ସମାଜ ସେବକଙ୍କୁ ସାମାଜିକ ପରିଚାଳନା ଦାୟିତ୍ୱ ଦିଆଯିବା ବ୍ୟବସ୍ଥାକୁ ଲୋକତନ୍ତ୍ର ବୋଲି କୁହାଯାଇ ପାରିବ । ସମ୍ପୃକ୍ତ ବ୍ୟକ୍ତି କୌଣସି ଦଳଗତ, ସାମ୍ପ୍ରଦାୟିକ ସଦସ୍ୟ ହୋଇନଥିବା ନିତାନ୍ତ ଆବଶ୍ୟକ । କାରଣ ଦଳୀୟ କିମ୍ବା ସାମ୍ପ୍ରଦାୟିକ ବିଚାରଧାରା ସମ୍ମତ ମଣିଷ ନିରପେକ୍ଷ ନୀତି, ବିଚାର ପ୍ରବାହ କରିବା ଅସମ୍ଭବ । ସେହିଭଳି ମଣିଷ ସବୁବେଳେ ନିଜ ଦଳ ଅଥବା ସମ୍ପ୍ରଦାୟ ପ୍ରତି ଦୁର୍ବଳତା ରଖିବା ସୁନିଶ୍ଚିତ ଯେଉଁଠି ସାମ୍ୟବାଦ ବିଚାର ସୃଷ୍ଟି ହେବା ସମ୍ଭାବନ ଆଦୌ ରହିବ ନାହିଁ । ସାମ୍ୟବାଦ ବିଚାରଧାରା ରହିତ ପରିଚାଳକଙ୍କୁ ଲୋକତନ୍ତ୍ରର ସେବକ ବୋଲି କହିବା ବାହୁଲ୍ୟ ମାତ୍ର ଯେଉଁଥିରେ କୌଣସି ସତ୍ୟତା ନଥାଏ । ଜଣେ ମଣିଷକୁ ସାଧାରଣ ଲୋକେ କେମିତି ଜାଣନ୍ତି ଯେ ତାଙ୍କୁ ନିଜର ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଦେବେ ସେନେଇ ନିର୍ବାଚନୀ ପ୍ରତିଯୋଗିତା ନୁହେଁ ବରଂ ଚୟନ କରି ଅବସ୍ଥାପିତ କରାଯିବା ପଦ୍ଧତିକୁ ଲୋକତାନ୍ତ୍ରିକ ପଦ୍ଧତି ବୋଲି କୁହାଯାଇ ପାରିବ । କିନ୍ତୁ କୌଣସି ଗୋଷ୍ଠୀ କିମ୍ବା ସମ୍ପ୍ରଦାୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ନିର୍ବାଚନ ମାଧ୍ୟମରେ ଶାସକ ପ୍ରାର୍ଥୀ ମନୋନୀତ କରାଯିବା ତଥା ସାଧାରଣ ଲୋକଙ୍କ ବହୁମତ ଯୋଗାଡ଼ କରି ନିର୍ବାଚନ ମାଧ୍ୟମରେ ଶାସନ କ୍ଷମତାଧାରୀ ମଣିଷ ନିଯୁକ୍ତ କରାଯିବା କୌଣସି ମତେ ଗୋଟିଏ ନିରପେକ୍ଷ ଶାସନ ବ୍ୟବସ୍ଥାର ନିଦର୍ଶନ ନୁହେଁ । କାରଣ ଦଳଗତ ଚେତନାକୁ ଶୀରୋଧାର୍ଯ୍ୟ କରି ଦଳର ମୁଖିଆଙ୍କ ନିର୍ଦ୍ଦେଶରେ ପରିଚାଳିତ ସମ୍ପୃକ୍ତ ଜନସେବକ ଯେ ନିରପେକ୍ଷ ଭାବ ପ୍ରବାହ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ନିର୍ବାଚନ କରି ଲୋକ ପ୍ରତିନିଧି ଚୟନ କରାଯିବା ସମୟରେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କୁ ଚୟନ କରାଯିବା ସମ୍ପୃକ୍ତ ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ ଯାହା କୌଣସି ଦଳୀୟ ପ୍ରାର୍ଥୀ କରି ପାରିବେ ନାହିଁ । ନିର୍ଦ୍ଦଳୀୟ ଅଣସାମ୍ପ୍ରଦାୟିକ ପ୍ରାର୍ଥୀ ଚୟନ କରାଯିବା ପୂର୍ବରୁ ସମ୍ପୃକ୍ତ ଲୋକଟିର ବିଚାରଧାରା ତଥା ସାମାଜିକ ଜ୍ଞାନ ଏବଂ ନିଃସ୍ୱାର୍ଥପରତା ଉପରେ ବିଶେଷ ଆଲୋକପାତ କରି ଚୟନ କରାଯିବା ନିତାନ୍ତ ଆବଶ୍ୟକ । ଉପସ୍ଥିତ ସମୟରେ ଏମିତି ମଧ୍ୟ କେତେକ ସ୍ଥାନରେ ଦେଖିବାକୁ ମିଳୁଛି ଯେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନ ଜିତିବା ପରେ କୌଣସି ଏକ ଦଳରେ ସାମିଲ ହୋଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ସେହିଭଳି ଲୋକଟି ନିଶ୍ଚିତ ଭାବେ କୌଣସି ଏକ ଗୋଷ୍ଠୀ ଅନ୍ତର୍ଗତ ରହି ପରବର୍ତ୍ତୀ ସମୟରେ ସେହି ଗୋଷ୍ଠୀରୁ ବହିଷ୍କୃତ ହୋଇ ଅନ୍ୟ ଏକ ଗୋଷ୍ଠୀ ସହିତ ସଲାସୁତୁରା କରିଥାନ୍ତି । ସେହିଭଳି ନିର୍ଦ୍ଦଳୀୟ ମଣିଷଟି କୌଣସି ଦଳୀୟ ମଣିଷ ଠାରୁ ଆହୁରି ଅଧିକ କ୍ଷତିକାରକ ହୋଇଥାନ୍ତି ସମାଜ ପ୍ରତି ! କାରଣ ସମ୍ପୃକ୍ତ ଲୋକଟିର କୌଣସି ଏକ ଦୁର୍ବଳତା ହେତୁ ସମ୍ପୃକ୍ତ ଗୋଷ୍ଠୀ ଠାରୁ ବହିଷ୍କୃତ ହୋଇଥିବା ଆଶଙ୍କା ଯଥେଷ୍ଟ ଅଧିକ ! କିନ୍ତୁ ଆଉ କେତେବେଳେ ଜଣେ ସଚ୍ଚୋଟ ମଣିଷ ମଧ୍ୟ କୌଣସି କେଳେଙ୍କାରୀ ଗୋଷ୍ଠୀର ଅସାମାଜିକ ବିଚାରଧାରାରେ କ୍ଷୁବ୍ଧ ହୋଇ ଦଳ ତ୍ୟାଗ କରିଥିବା ମଧ୍ୟ ଦେଖିବାକୁ ମିଳେ । ତେଣୁ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ବାସ୍ତବ ରୂପକୁ ପରଖି ଚୟନ କରାଗଲେ ଉପଯୁକ୍ତ ସାମାଜିକ ମଙ୍ଗଳ ହୋଇ ପାରିବ ।

କଥାରେ ଅଛି ଗରଜିଲା ମେଘ ବରଷେ ନାହିଁ, ଭୁକିଲା କୁକୁର କାମୁଡେ ନାହିଁ ! ଅର୍ଥାତ ଯିଏ କୁହେ ସିଏ କରେ ନାହିଁ, ଯିଏ କରିବ ସିଏ କୁହେ ନାହିଁ ! ଏହି ଉକ୍ତିଟି ଉପରେ ଆଧାର କରି ନିଜସ୍ୱ ଚେତନା ସୃଷ୍ଟି ନକରି ସମୟସାପେକ୍ଷ କୁହେଳିକାରେ ବିଶ୍ୱାସ କରି ଲୋକ ପ୍ରତିନିଧି ଚୟନ କରାଯିବା ଗଣତାନ୍ତ୍ରିକ ବ୍ୟବସ୍ଥାର ନୀତି ଅନ୍ତର୍ଗତ ବୋଲି କହିବା ମିଥ୍ୟା ଉପଚାର ମାତ୍ର । ନିର୍ଦ୍ଦଳୀୟ ବିଚାର ଜଡିତ ସାମାଜିକ ଜ୍ଞାନ ତଥା ସେବା ମନବୃତ୍ତି ରହିଥିବା ମଣିଷଙ୍କୁ ସାଧାରଣ ଲୋକଙ୍କ ଦ୍ୱାରା ଚୟନ କରାଯାଇ ପ୍ରସ୍ତାବ ଉପସ୍ଥାପନ କରି ଲୋକ ପ୍ରତିନିଧି ଭାବେ ଅବସ୍ଥାପିତ କରାଗଲେ ରାଷ୍ଟ୍ର ସାମ୍ୟବାଦ ମୁଖି ହେବା ସମ୍ଭାବନା ରହିବ । ସମାଜରେ ଏମିତି ଅନେକ ସଚ୍ଚୋଟ, ନିସ୍ୱାର୍ଥପର, ଦେଶପ୍ରେମୀ ମଣିଷ ଅଛନ୍ତି ଯାହାଙ୍କ ପରିଚୟ ନାହିଁ ସାଧାରଣ ଲୋକଙ୍କ ପାଖରେ । କିନ୍ତୁ ଏମିତି ନୁହେଁକି ସେମାନଙ୍କୁ ଖୋଜି ବାହାର କରି ହେବନାହିଁ । କିନ୍ତୁ ସାଧାରଣ ଲୋକଙ୍କ ଇଚ୍ଛାଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ସେହିଭଳି ଲୋକଙ୍କୁ ଖୋଜି ବାହାର କରି ସାମାଜିକ ଦାୟିତ୍ୱ ଦେବାପାଇଁ ଯାହା କେହି ଭାବନ୍ତି ନାହିଁ । ଉପସ୍ଥିତ ସମୟର ପ୍ରହେଳିକାରେ ନିଜକୁ ସମାନ୍ତରାଳ କରି ଚାଲିବା ଆମ ଦେଶ ଲୋକଙ୍କ ଏକ ଶୈଖିକ ଚରିତ୍ର ! ଦଳୀୟ ଚେହେରା ଗୁଡିକୁ ପରିଚିତ ମୁହଁ ଦେଖି ଏବଂ ସେମାନଙ୍କ ଠାରୁ କଣ ସ୍ୱାର୍ଥ ହାସଲ କରିହେବ ବିଚାର କରି ଭୋଟ ଦେଇଥାନ୍ତି ଆମ ଲୋକେ । ସେଇଥିରେ ସେମାନଙ୍କ କେବଳ ବ୍ୟକ୍ତିଗତ ଭାବନା ଜଡିତ ରହିଥାଏ ଯାହା ସାମୁହିକ ଉନ୍ନତ୍ତି ଦିଗରେ ଆଦୌ ସହାୟକ ହୋଇନଥାଏ । କେବଳ ପରିଚିତ ଚେହେରାକୁ ଦେଖି ଭୋଟ ଦିଆଯିବା ନିର୍ବୋଧତା ଛଡା ଆଉ କିଛି ନୁହେଁ ! କେତେକ ସାମ୍ୟବାଦୀ ମଣିଷଙ୍କ ଅପରିଚିତ ସମ୍ବିଧାନ ମଧ୍ୟରେ ଲୋକହିତକର କାର୍ଯ୍ୟ କରାଯିବା ସମ୍ଭାବନା ଯଥେଷ୍ଟ ସୁଦୃଢ଼ ହୋଇପାରିବ ! କିନ୍ତୁ ଗୋଷ୍ଠୀଗତ ସଦସ୍ୟଙ୍କ ମନମୁଖୀ ଚିନ୍ତାଧାରା ରହିବା ଅତ୍ୟନ୍ତ ସମ୍ଭବ ! କାରଣ ସେମାନଙ୍କ ମଧ୍ୟରେ ସଲାସୁତୁରା ହୋଇ ସମସ୍ତଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରାଯିବା କୌଣସି ଅସମ୍ଭବ ନୁହେଁ । କିନ୍ତୁ ସାମ୍ବିଧାନିକ ଲୋକ ପ୍ରତିନିଧି ସମୂହଙ୍କ ମଧ୍ୟରେ ପୂର୍ବରୁ କୌଣସି ସମ୍ପର୍କ ନଥାଇ ଏକ ନୂତନ ସଦସ୍ୟ ଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ବ୍ୟଭିଚାର କରାଯିବା ସମ୍ଭାବନା ଯଥେଷ୍ଟ କମ୍ ହେବ ତୁଳନାତ୍ମକ ଏକ ସମ୍ପର୍କିତ ଗୋଷ୍ଠୀବଦ୍ଧ ଦଳ । ତେଣୁ ପ୍ରତ୍ୟେକ ସମୟରେ ସାଧାରଣ ମଣିଷ ଗୁଡିକ ସଚେତନ ରହି ନିର୍ବିକାର ନିରୋଳା ମଣିଷଙ୍କୁ ସାମାଜିକ ଦାୟିତ୍ୱ ଦେବା ବିଚାର ରଖିଲେ ଦେଶର ପ୍ରଗତି ସୁନିଶ୍ଚିତ ହେବ । ଗୋଷ୍ଠୀଗତ ବିଚାରରେ କେତେକ ପାରିବା ମଣିଷ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟ କରିବା ତଥା ଲୋକଙ୍କ ମଙ୍ଗଳ କରିବା ପ୍ରବଚନ ବାଢ଼ି ନିର୍ବାଚନ ଜିତିବା ପରେ ଯେଉଁ କାର୍ଯ୍ୟ କରୁଛନ୍ତି ସମସ୍ତେ ଜାଣନ୍ତି । ଯେକୌଣସି ଉପାୟରେ ଲୋକଙ୍କ ମନକୁ ଜିତି ସମାଜରେ ନିଜର ପ୍ରାଧାନ୍ୟତା ବିସ୍ତାର ଦିଗରେ ଅନେକ କୁକର୍ମ କରିବା ପାଇଁ ମଧ୍ୟ ପଛାଇନଥାନ୍ତି କେତେକ ଗୋଷ୍ଠୀ । ଏମିତିକି ଭୟାବହ ପରିସ୍ଥିତି ସୃଷ୍ଟି କରି ନିର୍ବାଚନ ଜିତିବା ଆଶା ରଖୁଥିବା ଗୋଷ୍ଠୀଗତ ବିଚାର ବିଷୟରେ କାହାକୁ ଅଗୋଚର ! ବିଭିନ୍ନ ସ୍ତରର ମଣିଷ ଦେଖିବାକୁ ମିଳନ୍ତି କୌଣସି ଏକ ଗୋଷ୍ଠୀ ମଧ୍ୟରେ ଯାହାଙ୍କ ସାମାଜିକ ପରିଚୟ ବ୍ୟାଖ୍ୟା କରାଗଲେ ଆଶ୍ଚର୍ଯ୍ୟ ଲାଗିବ ଯେ କେଉଁ ସ୍ତରର ମଣିଷଙ୍କୁ ଆମେ ଏତେବଡ ସାମାଜିକ ଦାୟିତ୍ୱ ଦେବାରେ ଟିକେ ହେଲେ କୁଣ୍ଠା ବୋଧ କରୁନାହୁଁ ଯାହାଙ୍କୁ ମଣିଷ ବୋଲି କହିବା ମଧ୍ୟ ଅଯୌକ୍ତିକ ! ଏମିତି ଅନେକ ଲୋକ ପ୍ରତିନିଧି ଅତୀତରେ ଥିଲେ / ଅଛନ୍ତି ଯେଉଁମାନେ ଅସାମାଜିକ କାର୍ଯ୍ୟ ତଥା ନରହତ୍ୟା କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି ! ସେମାନଙ୍କୁ ଆମେ କାହିଁକି ଲୋକ ପ୍ରତିନିଧି ଭାବେ ଚୟନ କରିଥାଉ ଉତ୍ତର ନାହିଁ କାହା ପାଖରେ । କାରଣ ସମସ୍ତେ ଆଜି ସ୍ଥାଣୁ ଅବସ୍ଥାରେ ବଂଚିବା ଶିଖିଛନ୍ତି କେବଳ ସାମାଜିକ ଭୟାତୁର ପରିବେଶକୁ ଦେଖି ! ସମାଜରେ ଭୟ ସୃଷ୍ଟି କରି ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କୁ ଡରି ଲୋକ ଭୋଟ ଦେଉଥିବା ବିଷୟ ସମସ୍ତଙ୍କୁ ଗୋଚର । ତଥାପି ସେମାନଙ୍କୁ ଆମେ ଲୋକ ପ୍ରତିନିଧି ଭାବେ ଗ୍ରହଣ କରିବାକୁ ଆଦୌ ପଛଘୁଞ୍ଚା ଦେଇନଥାଉ ! ଏମିତି ଅନେକ ଅଯୌକ୍ତିକ ପରିବେଶ, ପରିସ୍ଥିତ ମଧ୍ୟରେ ନିର୍ବାଚନ ଆମର କାହିଁକି ତାହାର ଉତ୍ତର ନାହିଁ କାହା ପାଖରେ ! ହେଲେ ଯାକୁ କଣ ଲୋକତନ୍ତ୍ର ବୋଲି କୁହାଯାଇ ପାରିବ ? ନିଶ୍ଚିତ ନୁହେଁ !

ସାଧାରଣ ଲୋକଙ୍କ ଦରିଦ୍ରତା ଏବଂ ଦରିଦ୍ର ମନୋଭାବ ହେତୁ ଏମିତି ହେବା ପଛର ରହସ୍ୟ ଭିନ୍ନ ! ଲୋକଙ୍କ ଏହିଭଳି ମାନସିକତା ସୃଷ୍ଟି କରି ରଖିଥିବା ମଧ୍ୟ ଦଳୀୟ ଶାସନର ଏକ ବିଶେଷ ସୂତ୍ର । ନିର୍ବିକାର, ନିର୍ଭୟ, ଆତ୍ମନିର୍ଭରଶୀଳ ଚେତନା ଜାଗ୍ରତ କରି କାହାର ସହାନୁଭୁତିକୁ ପ୍ରତ୍ୟାଖ୍ୟାନ କଲେ ଜଣେ ମଣିଷ ଯେ ନିଶ୍ଚିତ ଉନ୍ନତି କରିବ ସେଇଥିରେ କୌଣସି ଦ୍ୱିମତ ନାହିଁ । କିନ୍ତୁ ସାଧାରଣ ଲୋକେ ସବୁବେଳେ ଦୁର୍ବଳ କରି ରଖିଛନ୍ତି ନିଜକୁ ନିଜେ । ଏବଂ ସେମାନଙ୍କୁ ସେମିତି ରଖିବା ପଛରେ ମଧ୍ୟ ଗୋଷ୍ଠିଗତ ଶାସନର ଭୂମିକା ଯଥେଷ୍ଟ ଅଧିକ । ଏମିତି ଅନେକ ସମସ୍ୟା ପରିସ୍ଥିତି ମଧ୍ୟରେ ପରିଚାଳିତ ଆମ ସାମାଜିକ ନିର୍ବାଚନ ବ୍ୟବସ୍ଥା ଯେ ଏହାର ଅନ୍ତ କେବେ ??! ଉତ୍ତର ମିଳୁନାହିଁ ଆମକୁ ପୂର୍ବାପର ପରିସ୍ଥିତି ଗୁଡିକୁ ସମୀକ୍ଷା କଲେ । ତଥାପି ଆମେ ବଂଚିଛେ, ବଂଚି ରହିଥିବା, କିନ୍ତୁ ନୀତି ମରି, ନୀତି ବଂଚି । ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଆଭ୍ୟନ୍ତରୀଣ ଗଣ ଆନ୍ଦୋଳନର ଆବଶ୍ୟକତା ରହିଛିକି, ବିଚାର କରି ଦେଖନ୍ତୁ ସଭ୍ୟ ସମାଜର ସାଧାରଣ ଜନତା । ଯଦି ହଁ, ତାହେଲେ ବର୍ତ୍ତମାନଠାରୁ କାହିଁକି ନୁହେଁ ? ବୈଦେଶିକ କୂଟନୀତି, ଚାପରେ ପରିଚାଳିତ ଆମ ଦେଶ ନିର୍ବାଚନ ବ୍ୟବସ୍ଥାର ବାସ୍ତବ ସୁଧାର କେବେ..... ??

**ଦୂରଭାଷ.: ୯୪୩୭୩୨୪୯୧୭**

# ଜନସମ୍ପର୍କ ପଦଯାତ୍ରା କରି ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ବୁଝୁଛି ବିଜେଡି



## ୭ମ ଦିନରେ ଶିଶୁଆ ଓ ନଇଗୁଆଁ ପଂଚାୟତ ବୁଲିଲେ ବିଧାୟକ

ସାଲେପୁର :୧୦/୧୦(ନିସୃ): ପବିତ୍ର ଗାନ୍ଧୀ ଜୟନ୍ତୀ ଠାରୁ ବିଜେଡି ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ସପ୍ତମ ଦିନରେ ପହଁଚିଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ସାଲେପୁର ବ୍ଲକ ଶିଶୁଆ ପଂଚାୟତ ଓ ନଇଗୁଆଁ ପଂଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଦଳୀୟ କର୍ମୀ ଓ ପଂଚାୟତ ଜନପ୍ରତିନିଧି ମାନେ ପଦଯାତ୍ରାରେ ସାମିଲ ହୋଇ ଦୁଇ ପଂଚାୟତର ବିଭିନ୍ନ ୱାର୍ଡରେ ବୁଲି ଜନସାଧାରଣଙ୍କ ଭଲମନ୍ଦ ପଚାରି ବୁଝିଥିଲେ ଓ ୨୪ ବର୍ଷର ବିଜେଡି ସରକାରର ବିକାଶ ଓ ସଫଳତା କଥା ମନେପକାଇ ଦେବା ସହ ଡବଲ ଇଞ୍ଜିନ ସରକାର ସବୁ କ୍ଷେତ୍ରରେ ଆଜି ବିଫଳ ହୋଇଥିବା ଉପରେ ଜନମତ ସୃଷ୍ଟି କରାଯାଇଥିଲା । ଏହି ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସହିତ ବିଜେଡି ବରିଷ୍ଠ ନେତା ଦିଲ୍ଲୀପ ଦାଶ,ଚିତ୍ତରଞ୍ଜନ ମହାନ୍ତି,ଗଣେଶ୍ୱର ସାହୁ,ସଂଜୀବ ସାହୁ, ପ୍ରଶାନ୍ତ ଦାଶ,ଶିଶୁଆ ସରପଞ୍ଚ ପ୍ରତିମା ସାହୁ, ସମିତିସଭ୍ୟ ମାନସ ଦାଶ, ପଂଚାୟତ ବିଜେଡି ସଭାପତି ପ୍ରଶାନ୍ତ ମିଶ୍ର, ନଇଗୁଆଁ ସରପଞ୍ଚ ପ୍ରିୟଦର୍ଶିନୀ ମଲ୍ଲିକ, ସମିତିସଭ୍ୟ ମନମୋହନ ନନ୍ଦ, ପଂଚାୟତ ବିଜେଡି ସଭାପତି କାର୍ତ୍ତିକ ଚନ୍ଦ୍ର କର ପ୍ରମୁଖଙ୍କ ସମେତ ବହୁ ମହିଳା, ଯୁବ ଛାତ୍ର ବିଜେଡି କର୍ମୀ ସାମିଲ ହୋଇଥିଲେ।

# ଅସହାୟ ବୃଦ୍ଧ ବୃଦ୍ଧାଙ୍କ ମୁହଁରେ ହସ ଫୁଟାଇଲେ ଏସ୍ ଡୁମେରପାଳି ସରପଞ୍ଚ

- ଭତ୍ତାରୁ ବଞ୍ଚିତଙ୍କୁ ଦୁଇ ଓଳି ଖାଦ୍ୟ ଯୋଗାଇବାକୁ ସଂକଳ୍ପ
- ନିଜ ପାରିଶ୍ରମିକରୁ ସେବା ଯୋଗାଇବେ ଯୋଗେଶ୍ୱର ସାହୁ



ବରଗଡ଼: ୧୦/୧୦ (ନି.ସୂ.) ଜନସେବା ହିଁ ପ୍ରକୃତ ସେବା। ଅସହାୟ ଓ ନିଷ୍ପେଷିତଙ୍କ ଦୁଃଖକୁ ନିଜର ଦୁଃଖ ଭାବି ସେମାନଙ୍କ ମୁହଁରେ ହସ ଫୁଟାଇବାର ଏକ ନିଆରା ପ୍ରୟାସ କରିଛନ୍ତି ବରଗଡ଼ ବ୍ଲକ୍ ଅନ୍ତର୍ଗତ ଏସ୍ ଡୁମେରପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଯୋଗେଶ୍ୱର ସାହୁ ଓରଫ୍ କୁରକୁରୁ। ଦୀର୍ଘ ୭ରୁ ୮ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ଅନ୍ୟ ହିତାଧିକାରୀଙ୍କ ଦୁର୍ଦ୍ଦଶା ଶୁଣି ସେ ଏକ ମାନବିକତାପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାୟତର ଅନେକ ବୃଦ୍ଧବୃଦ୍ଧା ଦୀର୍ଘ ମାସ ଧରି ଭତ୍ତା ନ ପାଇ ଆର୍ଥିକ ସମସ୍ୟାରେ ଦିନ କାଟୁଛନ୍ତି। ବିଶେଷକରି ବ୍ୟାଙ୍କ ଖାତା ମାଧ୍ୟମରେ ଭତ୍ତା ପାଉଥିବା କେତେକ ହିତାଧିକାରୀଙ୍କ ଟଙ୍କା ଖାତାରେ ଜମା ହୋଇଥିବା ସୂଚନା ମିଳୁଥିଲେ ମଧ୍ୟ ବ୍ୟାଙ୍କକୁ ଗଲେ ଟଙ୍କା ମିଳୁନଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାକୁ ନେଇ ଅନେକ ଅସହାୟ ବୃଦ୍ଧବୃଦ୍ଧା ସରପଞ୍ଚଙ୍କ ନିକଟରେ ନିଜର ଦୁଃଖ ଜଣାଇଥିଲେ।

ସେମାନଙ୍କ ଦୁରବସ୍ଥା ଓ ଖାଦ୍ୟ ପାଇଁ ହେଉଥିବା ସଂଘର୍ଷ ବିଷୟରେ ଜାଣିବା ପରେ ସରପଞ୍ଚ ଯୋଗେଶ୍ୱର ସାହୁ ଏକ ମହତ୍ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପକ୍ଷରୁ ଭତ୍ତା ନିୟମିତ ଭାବେ ମିଳିବା ପର୍ଯ୍ୟନ୍ତ ଏବଂ ସେ ସରପଞ୍ଚ ଦାୟିତ୍ୱରେ ଥିବା ଯାଏଁ ନିଜ ପାରିଶ୍ରମିକ ଓ ବ୍ୟକ୍ତିଗତ ଅର୍ଥରୁ ପଞ୍ଚାୟତର ପ୍ରାୟ ୧୫୦ରୁ ୨୦୦ ଜଣ ଭତ୍ତାରୁ ବଞ୍ଚିତ ଅସହାୟ ମହିଳା, ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ଦୁଇ ଓଳି ମାଗଣା ଖାଦ୍ୟ ଯୋଗାଇଦେବାକୁ ସେ ସଂକଳ୍ପ ନେଇଛନ୍ତି।

ସରପଞ୍ଚଙ୍କ ଏହି ନିଆରା ପଦକ୍ଷେପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବରଗଡ଼ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ତାଙ୍କର ମାନବିକତା ଓ ଜନସେବା ମନୋଭାବକୁ ପ୍ରଶଂସା କରୁଛନ୍ତି।

ଏଭଳି ଉଦ୍ୟମ ଅସହାୟ ଲୋକଙ୍କୁ ସାମୟିକ ଆଶ୍ୱାସନା ଦେବା ସହ ଭତ୍ତା ବଣ୍ଟନରେ ଦେଖାଦେଉଥିବା ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଯୋଗ୍ୟ ହିତାଧିକାରୀମାନେ ଯେପରି ନିୟମିତ ଭାବେ ନିଜର ଭତ୍ତା ପାଇପାରିବେ, ସେଥିପାଇଁ ସମ୍ପୃକ୍ତ ବିଭାଗ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଶାଳବଣୀ ପଞ୍ଚାୟତର ମା ସରପଞ୍ଚ ପୁଅ ଠିକାଦାର ସାଜି ମନେରେଗା ଯୋଜନାରେ ହଡପ କରିବାକୁ ଯୋଜନା

ଆନନ୍ଦପୁର ୧୦/୧୦: ଆନନ୍ଦପୁର ବ୍ଲକ ଶାଳବଣି ଗ୍ରାମପଞ୍ଚାୟତ ଆର ଡ଼ି ରୋଡ଼ ଠାରୁ ବେଲଦା ଗ୍ରାମ ମୁଣ୍ଡା ସାହି ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣରେ ମହା ଘୋଟଲା ଦେଖିବା ପାଇଁ ମିଳିଛି ।ରାଜ୍ୟ ସରକାରଙ୍କ ଉର୍ନ୍ନତି ମୂଳକ କାର୍ଯ୍ୟ ଉପରେ କିଭଳି ଶାଳବଣି ଗ୍ରାମ ପଞ୍ଚାୟତର ସରପଞ୍ଚ ଙ୍କ ପୁତ୍ର ଚୂନ କାଳୀ ମାରି ମନେରେଗା ଯୋଜନାରେ ଅର୍ଥ ହାତେଇବା ଯୋଜନା କରିଛନ୍ତି ତାହା ସ୍ପଷ୍ଟ ଦେଖିବା ପାଇଁ ମିଳିଛି ।ଶାଳବଣି ଗ୍ରାମ ପଞ୍ଚାୟତର ବିକାଶ ନାଁ ରେ ଆଦିବାସୀଙ୍କ ରାସ୍ତା କୁ ୧୦ଲକ୍ଷ ଟଙ୍କାର ରାସ୍ତା କୁ ଗାଇଡ଼ ଲାଇନ କୁ ଭୁଲିଯାଇ ଗାଇଡ଼ ଲାଇନ ବାହାରେ କରୁଛନ୍ତି ତାହା ସ୍ପଷ୍ଟ ରାସ୍ତା ର ମାନ ଚିତ୍ର ଦେଖିବା ପାଇଁ ମିଳିଛି ।ସୂଚନା ଏହିକି ଶାଳବଣି ଗ୍ରାମ ପଞ୍ଚାୟତ ଆରଡ଼ି ରାସ୍ତା ଠାରୁ ବେଲଦା ମୁଣ୍ଡା ସାହି ରାସ୍ତାର କୋର୍ଡ ନମ୍ବର ୨୪୦୩୦୦୮୦୧୫ ପ୍ରୋଜେକ୍ଟ ଆପ୍ରୁଭାଲ ଥିବା ବେଳେ । ଆର୍ଥିକ ବର୍ଷ ୨୦୨୬/୨୭କାର୍ଯ୍ୟା ଦେଶ ରହିଥିଲା ଶାଳବଣି ବେଲଦା ମୁଣ୍ଡା ସାହି ର ଜବକାର୍ଡଧାରୀ ଙ୍କ ଜବକାର୍ଡ କାର୍ଯ୍ୟ ପଡି ନଥିବା ବେଳେ ।ସରପଞ୍ଚ ଙ୍କ ପୁଅ ପଞ୍ଚାୟତ ପିଓ ଏଡିଓ ନିଜର ହାତ ବାରିସୀ ରଖିଥିବା ଜବକାର୍ଡ ଧାରୀଙ୍କ ଆକାଉଣ୍ଟ କୁ ଜବକାର୍ଡ ର ଅର୍ଥପ୍ରଦାନ କରି ହରି ଲୁଟ ର ରାସ୍ତା ବାଛି ଥାନ୍ତି ।ଶାଳବଣି ଗ୍ରାମ ପଞ୍ଚାୟତ ର ପାଞ୍ଚ ବର୍ଷର ବିକାଶର ପଥ କେତେ ? ରାଜ୍ୟ ସରକାର ଙ୍କ ଉର୍ନ୍ନତି ମୂଳକ ଯୋଜନା ମନେରେଗା ଯୋଜନା ର ପ୍ରକୃତ ଗ୍ରାମ କୁ ଯାଇ ଅନୁଧ୍ୟାନ ସହ କାଗଜ କଲମର ଦୁର୍ନୀତିର ଚେର କେତେ,ପ୍ରକୃତ ସତ୍ୟା ସତ୍ୟ ବାହାରିବା ପାଇଁ ଭିଜିଲାନ୍ସ ତଦନ୍ତ ପାଇଁ ଆବଶ୍ୟକ ପଡୁଛି ।



# ବୁଢ଼ାଗୁଡ଼ାଠାରେ ଉତ୍ତେଜନା; ରାୟଗଡ଼ା-କଲ୍ୟାଣସିଂହପୁର ରାସ୍ତା ଅବରୋଧ, ହତ୍ୟାକାରୀର ଗିରଫ ଓ କ୍ଷତିପୂରଣ ଦାବି



କଲ୍ୟାଣସିଂହପୁର,୧୦/୧୦ – ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ବାଲିଯାତ୍ରାରେ ଗତକାଲି ରାତିରେ ଏକ ଅଭାବନୀୟ ରକ୍ତର ବିଭୀଷିକାରେ ମହେଶ କାଡ୍ରାକା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ରୋହନ କାଡ୍ରାକା ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଠାରେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ଏହି ହତ୍ୟାକାଣ୍ଡକୁ ନେଇ ଆଜି କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡ଼ା ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରବର୍ଗ ଓ ଶତାଧିକ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ବ୍ୟାରିକେଡ୍ ସମ୍ମୁଖରେ ବସିରହି ଧାରଣା ଦେଇଛନ୍ତି। ଫଳରେ ରାୟଗଡ଼ା–କଲ୍ୟାଣସିଂହପୁର ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘଟଣା ଘଟିବାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା, କ୍ଷତିପୂରଣ ଏବଂ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ନକରାଗଲେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

# ଲୋକକଳାକାରଙ୍କୁ ସରକାରୀ ମଞ୍ଚରେ ସୁଯୋଗ, କୋରାପୁଟରେ ଚାଲିଛି ଜିଲ୍ଲାସ୍ତରୀୟ ଚୟନ

କୋରାପୁଟ,୧୦।୧୦()'ଆମ କଳାକାର' ପୋର୍ଟାଲ ମାଧ୍ୟମରେ କଳାକାର ଓ ସାଂସ୍କୃତିକ ଦଳ ଗୁଡ଼ିକର ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ ଡିଜିଟାଲ ଓ ସ୍ୱଚ୍ଛ କରାଯାଉଛି। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ କଳାକାର ଓ ସାଂସ୍କୃତିକ ଦଳ ଗୁଡ଼ିକର ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଜାରି ରହିଛି ।ଏହି ଚୟନ ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।ଆଜି ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ବେଳେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଦଳ ଗୁଡ଼ିକର ଚିହ୍ନଟ କରାଯାଇଛି। ବିଚାରକ ଭାବେ ପଞ୍ଚାନନ ମିଶ୍ର, ଯଜ୍ଞେଶ୍ୱର ଖିଲ,ସନୁ ପାଙ୍ଗି, ବଳଭଦ୍ର ଖରା ଓ ଡମ୍ବରୁଧର ଗୌଡ କାର୍ଯ୍ୟ ସଂପାଦନା କରୁଥିବା ବେଳେ ଜିଲ୍ଲା ସଙ୍କୀର୍ତ୍ତନ ମହସଂଘ ସଭାପତି ଭଗବାନ ମାଝୀ, ସଂପାଦକ ଆକାଶ ଖିଲ, ଜାମୀ ଗୁଣ୍ଡା, ପର୍ଶୁରାମ ଖରା ପ୍ରମୁଖ ଉପସ୍ଥିତ ଥିଲେ ।ସଂକୀର୍ତ୍ତନ ମଣ୍ଡଳୀ ଚୟନ ପ୍ରକ୍ରିୟା ସରିବା ପରେ ଢେମସା ନୃତ୍ୟ ଦଳ ଗୁଡ଼ିକର ଚୟନ ସହ ଓଡ଼ିଶୀ ନୃତ୍ୟ କଳାକାର ଏବଂ ନାଟକ ଦଳ ଗୁଡ଼ିକର ଚୟନ କରାଯିବ ।ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ସଂକୀର୍ତ୍ତନ ମଣ୍ଡପ ଏବଂ ଭାଗବତ ଟୁଙ୍ଗୀ ନିର୍ମାଣ କରିବାକୁ ଜିଲ୍ଲା ସଂକୀର୍ତ୍ତନ ମହାସଂଘର ସଂପାଦକ ଆକାଶ ଖିଲ ଦାବି କରିଛନ୍ତି ।ଚୟନ ପ୍ରକ୍ରିୟା ସରିବା ପରେ କୌଣସି ସରକାରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦର୍ଶନ ପାଇଁ କଳାକାର କିମ୍ବା ଦଳକୁ ସିଧାସଳଖ ଡିଜିଟାଲ ମାଧ୍ୟମରେ ୱାର୍କ ଅର୍ଡର ଜାରି କରାଯିବ ।ଓଡ଼ିଶା ସରକାରଙ୍କ ଏହି ଅଭିନବ ଡିଜିଟାଲ୍ ଚୟନ ପ୍ରକ୍ରିୟା କଳାକାର ଚୟନରେ ପାତରଅନ୍ତର ଦୂର କରିବା ସହ ପ୍ରକୃତ ଓ ଯୋଗ୍ୟ ଗ୍ରାମୀଣ ତଥା ସହରାଞ୍ଚଳର ଲୋକ କଳାକାରମାନଙ୍କୁ ସରକାରୀ ମଞ୍ଚରେ ନିଜର ପ୍ରତିଭା ଦେଖାଇବାର ସଠିକ ସୁଯୋଗ ପ୍ରଦାନ କରିବା ପ୍ରୟାସକୁ ଜିଲ୍ଲା ସଙ୍କୀର୍ତ୍ତନ ମହସଂଘ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବ୍ଲକ ସ୍ତରୀୟ 'ସେବାସେତୁ' ଶିବିର ଅନୁଷ୍ଠିତ

କୋକସରା,୧୦।୧୦ ( ନି ସୂ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଭାଗୃହରେ ଶୁକ୍ରବାର 'ସେବା ସେତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଡ଼ ହିମାଞ୍ଚଳ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ବ୍ଲକର ୨୨ ଗୋଟି ପଞ୍ଚାୟତର ଅନେକ ଲୋକ ଶିବିରରେ ଯୋଗଦେଇ ବିଭିନ୍ନ ସମସ୍ୟା ଗୁଡିକ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ତେବେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଆବାସ ଯୋଜନା, ରାସନ କାର୍ଡ, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ସ୍ୱାସ୍ଥ୍ୟସେବା, ଆଧାର କାର୍ଡ ଏବଂ ଜମିଜମା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଉପରେ ବିଚାର ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ , କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ତତ୍ତ୍ୱଦର୍ଶୀ ଦାସ, ଜିପିଡିଓ ମିଲୁ ପ୍ରଧାନୀ,ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ , ବିଏସ୍ଏସ୍ଓ ଲୋକନାଥ ଭାଟି , ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ , ପିଇଓ, ଏଡିଓ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ସରକାରଙ୍କ'ସେବା ସେତୁ' ଯୋଜନା ମାଧ୍ୟମରେ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି।

# ଚିତ୍ରାଙ୍କନରେ ପାରଦର୍ଶିତା ଦେଖାଇଛନ୍ତି ଲେଲିବାଡି ବିଦ୍ୟାଳୟର ପୁଷ୍ପାଞ୍ଜଳି

ବିଷମକଟକ:୧୦/୯(ନି.ସୁ) ସେବା ସଂକଳ୍ପ ଅଭିଯାନ-୨୦୨୬ରେ କ୍ଲଷ୍ଟର, ବ୍ଲକ ଓ ଜିଲ୍ଲାସ୍ତରରେ ପ୍ରଥମ; ରାଜ୍ୟସ୍ତର ପାଇଁ ମନୋନୀତ। ବିଷମକଟକ ବ୍ଲକ ଅନ୍ତର୍ଗତ ସରକାରୀ



ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଲେଲିବାଡ଼ିର ଅଷ୍ଟମ ଶ୍ରେଣୀର ଛାତ୍ରୀ ପୁଷ୍ପାଞ୍ଜଳି ଉର୍ଲାକା ସେବା ସଂକଳ୍ପ ଅଭିଯାନ-୨୦୨୬ ଉପଲକ୍ଷେ ଆୟୋଜିତ ଜୁନିଅର ଚିତ୍ରାଙ୍କନ ପ୍ରତିଯୋଗିତାରେ କ୍ରମାଗତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେବା ସଂକଳ୍ପ ଅଭିଯାନ-୨୦୨୬ ଉପଲକ୍ଷେ ଆୟୋଜିତ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଗତ ୧୯/୦୯/୨୦୨୬ ତାରିଖରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଲେଲିବାଡ଼ି ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିଅର ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁଷ୍ପାଞ୍ଜଳି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରବର୍ତ୍ତୀ ସମୟରେ ୨୧/୦୯/୨୦୨୬ ତାରିଖରେ ଅନୁଷ୍ଠିତ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ସ୍ଥାନ ହାସଲ କରି ନିଜର ଚିତ୍ରକଳା ପ୍ରତିଭାର ପରିଚୟ ଦେଇଥିଲେ। ଏହାପରେ ୨୬/୦୯/୨୦୨୬ ତାରିଖରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ଲଷ୍ଟର, ବ୍ଲକ ଓ ଜିଲ୍ଲା—ତିନୋଟି ସ୍ତରରେ ପ୍ରଥମ ସ୍ଥାନ ହାସଲ କରିବା ପରେ ପୁଷ୍ପାଞ୍ଜଳି ଏବେ ରାଜ୍ୟସ୍ତରୀୟ ଜୁନିଅର ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୨/୧୦/୨୦୨୬ ତାରିଖରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ପୁଷ୍ପାଞ୍ଜଳିଙ୍କ ଏହି କ୍ରମାଗତ ସଫଳତାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପୁଷ୍ପାଞ୍ଜଳିଙ୍କ ଏହି ସଫଳତା ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରଧାନଶିକ୍ଷକ ଶ୍ରୀ ନେତାଜୀ ବେହେରା ମତପ୍ରକାଶ କରିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ପୁଷ୍ପାଞ୍ଜଳି ଉତ୍କୃଷ୍ଟ ସଫଳତା ହାସଲ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

# କେ ବାଲିପାଳ ଗ୍ରାମ ପଞ୍ଚାୟତ ରଙ୍ଗମାଠିଆ ଗ୍ରାମର ଜଳଯୋଗାଣରେ ସଠିକରୂପାୟନ

ଆନନ୍ଦପୁର ୧୦/୧୦: ହାଟଡିହି ବ୍ଲକ କେ ବାଲିପାଳ ଗ୍ରାମ ପଞ୍ଚାୟତ ରଙ୍ଗମାଠିଆ ଗ୍ରାମ ର ଜଳ ଯୋଗାଣ ରେ ସଠିକ ରୂପାୟନ ଥିବା ବେଳେ । କିଛି ନିର୍ଦ୍ଦିଷ୍ଟ ଫେସବୁକ ୟୁ ଟ୍ୟୁବର ନିଜକୁ



ସାମ୍ବାଦିକ ବୋଲାଇ ରଙ୍ଗା ମାଠିଆ ଗ୍ରାମକୁ ଯାଇ ଜଳ ପାଉନାହାନ୍ତି ମିଥ୍ୟା ଖବର ପ୍ରକାଶ କରିଥିଲେ। ଯେଉଁ ଖବର କୀ ଆଦିବାସୀ ଅଞ୍ଚଳ ଗ୍ରାମ ପଞ୍ଚାୟତ ଥିବାରୁ ଅଫିସର ଙ୍କ ମନ ମଧ୍ୟରେ ଅସନ୍ତୋଷ ଥିଲା ।ଏଭଳି ଖବର ପ୍ରକାଶିତ ହେବା ପରେ କେ ବାଲିପାଳ ଗ୍ରାମ ପଞ୍ଚାୟତ ରଙ୍ଗମାଠିଆ ଗ୍ରାମକୁ ଯାଇ ଅନୁଧ୍ୟାନ କରାଯାଇଥିଲା । ସେଠାରେ ଏନସିସି କମ୍ପାନୀ ଘର ଘର ବୁଲି ଦେଖିଲୁ ପାଇପ ପାଣି ସଠିକ ରୂପ ରେ ଯୋଗାଇ ବା ରେ ଏକ ବର୍ଷ ହେବ ସଠିକ ରୂପେ ଯୋଗାଇଛନ୍ତି ।ପାଣି ସମସ୍ୟାର କୌଣସି ଅଭିଯୋଗ ନ ଥିବା ବେଳେ ମିଛ ଖବର ପ୍ରସାରଣ ଗୁଜବ ଓ ବାସ୍ତବ ହୀନ ମନ ଗଢ଼ା କାଳ୍ପନିକ ଖବର ଅଟେ ।

# ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

## ସଭାପତି ପ୍ରାର୍ଥୀନୀ ଚିନ୍ମୟୀ ସାହୁ ବିସିଜେଡି ସମର୍ଥିତ ଘୋଷଣା



ମୋହନା, ୧୦/୧୦: ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି । ଶନିବାର ନାମାଙ୍କନ ପ୍ରତ୍ୟାହାର ଦିବସ ଥିବାବେଳେ ଅପରାହ୍ନ ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ମୋହନା ହିଲଟପ କଲେଜରେ କେହି ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିନାହାନ୍ତି । ତେଣୁ ଚୂଡାନ୍ତ ତାଲିକା ରେ ୨ ଜଣ ସଭାପତି ପ୍ରାର୍ଥୀ, ଜଣେ ଉପ ସଭାପତି, ଜଣେ ସମ୍ପାଦକ, ଜଣେ କ୍ରୀଡା ସମ୍ପାଦକ, ଜଣେ କ୍ରୀଡା ସହ ସମ୍ପାଦକ ଓ ଜଣେ ନାଟ୍ୟ ସମ୍ପାଦକ ରହିଛନ୍ତି । ସଭାପତି ପାଇଁ ଦୁଇଜଣ ପ୍ରାର୍ଥୀ ଥିବା ଯୋଗୁଁ ପ୍ରତିଦ୍ୱନ୍ଦିତା ହେଉଥିବା ବେଳେ ଅନ୍ୟ ସମସ୍ତ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ନିଶ୍ଚିତ ହୋଇଯାଇଛି । ସଭାପତି ପାଇଁ ଚିନ୍ମୟୀ ସାହୁ ଓ ଲିଟୁ ନାୟକ ଙ୍କ ମଧ୍ୟରେ ପ୍ରତୀଦ୍ୱନ୍ଦିତା ହେବ । ତେବେ ଚିନ୍ମୟୀ ନିଜକୁ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ସଭାପତି ପ୍ରାର୍ଥୀ ବୋଲି ଘୋଷଣା କରିଛନ୍ତି । ନିର୍ବାଚିତ ହେଲେ କଲେଜର ବିକାଶ ପାଇଁ ଚେଷ୍ଟା କରିବି ବୋଲି ଚିନ୍ମୟୀ କହିଛନ୍ତି । ଶନିବାର ସେ ଏହି ଘୋଷଣା କରିବା ପରେ ମୋହନା ବ୍ଲକ ବିଜେଡି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ବରିଷ୍ଠ ବିଜେଡି ନେତା ବିଳାସ ନାୟକ, ଉମା ଶଙ୍କର ସାହୁ, ସରୋଜ ବଡ଼ରଇତ, ସରୋଜ ପଟନାୟକ, ଚିତ୍ରସେନ ସାହୁ, ନରୋତ୍ତମ ପାତ୍ର, ଜରଡ ସରପଞ୍ଚ ନିବାସ ଶବର, ଯୁବନେତା ସୁମନ ପଟ୍ଟନାୟକ, ରାକେଶ କୁମାର ନାୟକ, ରାହୁଲ ଦତ୍ତ, ଇମ୍ରାନ ଖାନ, ଅମିତ ନାୟକ ତାଙ୍କୁ ସ୍ୱାଗତ କରିଛନ୍ତି । ସେହିପରି ଚାନ୍ଦିପୁଟ କଲେଜ ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ପ୍ରାୟତଃ ସମସ୍ତ ପଦବୀ ପାଇଁ ଏକାଧିକ ପ୍ରାର୍ଥୀ ଥିବାରୁ ନିର୍ବାଚନ ସରଗରମ ହୋଇଛି । ଛାତ୍ର ସଂସଦ ସଭାପତି ପାଇଁ ୩ ଜଣ, ଉପ ସଭାପତି ପାଇଁ ୨ ଜଣ, ସମ୍ପାଦକ ପାଇଁ ୨ ଜଣ, ସହ ସମ୍ପାଦକ ପାଇଁ ୨ ଜଣ ପ୍ରାର୍ଥୀ ରହିଛନ୍ତି । ସେହିପରି ନାଟ୍ୟ ସମ୍ପାଦକ ପାଇଁ ୨ ଜଣ ଓ ନାଟ୍ୟ ସହ ସମ୍ପାଦକ ପାଇଁ ୨ ଜଣ ପ୍ରାର୍ଥୀ ଅଛନ୍ତି କ୍ଷ ତେବେ କ୍ରୀଡା ସମ୍ପାଦକ ପାଇଁ ଜଣେ ଓ ସହ ସମ୍ପାଦକ ପାଇଁ ଜଣେ ପ୍ରାର୍ଥୀ ଥିବାରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ଏହି କଲେଜ ରେ ସଭାପତି ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ବିଦ୍ୟାଧର ବେହେରଦଲାଇ, ଗାୟତ୍ରୀ ପତି ଓ ସୁଶାନ୍ତ ଶବରଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି।

# ବୋରିଗୁମ୍ମା କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ବୋରିଗୁମ୍ମା୧୦/୧୦: ବୋରିଗୁମ୍ମା ସରକାରୀ ଏମଇ ସ୍କୁଲ ପରିସରରେ ଚଳିତବର୍ଷ ର ଶିଶୁ ମହୋତ୍ସବ ସୁରଭି/୨୬ ଅନୁଷ୍ଠିତ ହୋଇଯାଇଛି ।ବୋରିଗୁମ୍ମା କ୍ଲଷ୍ଟରର ସିଆରସିସି ଆଶିଷ କୁମାର ହୋତା ଙ୍କ ସଭାପତିତ୍ୱ ରେ ଆୟୋଜିତ ଶିଶୁ ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ, ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ମହେନ୍ଦ୍ର ତ୍ରିପାଠୀ, ଗୌରୀ ଶଙ୍କର ସାମନ୍ତରା ଉପସ୍ଥିତ ରହି ଉଦଘାଟନ କରିଥିଲେ ।କନିଷ୍ଠ ଓ ବରିଷ୍ଠ ବର୍ଗ ରେ ୨୧ ପ୍ରକାର ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ ।ଉଦଯାପିନୀ ଉତ୍ସବରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ସବିତା ମହାପାତ୍ର, ମହେନ୍ଦ୍ର ତ୍ରିପାଠୀ, ସୁମନ୍ତ ଶତପଥି, ପୂର୍ଣ୍ଣବାସୀ ମିଶ୍ର, ଗୌରୀ ମହାନ୍ତି, ଭାରତୀ ମହାପାତ୍ର, ଭାରତୀ ପ୍ରଧାନ, ବାସନ୍ତୀ ଦାଶ, ପ୍ରଣତି ପଣ୍ଡା, ସୁଭଦର୍ଶନୀ, ଭି ରମେଶ, ପିଙ୍କି ମଣ୍ଡଳ, ନବ ବନ୍ଦିତା ପାଢ଼ୀ, ମିନତୀରାଣୀ ତ୍ରିପାଠୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।୧୫ ଗୋଟି ବିଦ୍ୟାଳୟ ର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭଦର୍ଶନୀ ପଣ୍ଡା,ସସ୍ମିତା ରଥ, ନିରଞ୍ଜନ ସ୍ୱାଇଁ, ସସ୍ମିତା ପଟ୍ଟନାୟକ, ଅର୍ଚ୍ଚନା ଭଟ୍ଟ,ଏଲୋରା ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୟପୁର ଟାଉନ ପୋଲିସ ଦ୍ୱାରା ୧୫ ଗୋଟି ବାଇକ ଉଦ୍ଧାର

ଜୟପୁର ୧୦/୧୦: ଜୟପୁର ଟାଉନ ପୋଲିସ ଦ୍ୱାରା ଦୁଇ ଜଣ ବାଇକ ଚୋରକୁ ଧରିବାରେ ବଡ ସଫଳତା ମିଳିଛି ବୋଲି ଜୟପୁର ଏସଡିପିଓ ସୁଶ୍ରୀ ଅର୍ଚିତା ମିତଲ ସାମ୍ବାଦିକ ସମିଳନୀ କରି ସୂଚନା ଦେଇଛନ୍ତି। ଗତ ସେପଟ୍ମ୍ବେର ମାସରେ ବାଇକ ଚୋରି ନେଇ ଅଭିଯୋଗ ଆସିବାରୁ ଏଫ ଆଇ ଆର ପଞ୍ଜିକରଣ କରି ଏଥିରେ ଏ ଏସ ଆଇ ଶ୍ରୀ ପି ଆର ବାରିକ ଙ୍କ ନେତୃତ୍ୱରେ ଟିମ ଗଠନ କରି ତଦନ୍ତ କରିବା ପରେ ସି ସି କେମେରା ଫୁଟେ୍ରୁ ଜାଣିପାରିଥିଲେ ଯେ ଜୟପୁର ସହରର ରାହୁଲ ବାଘ ଓ ନନ୍ଦପୁରର ବଳଭଦ୍ର ପାଙ୍ଗି ଦୁଇ ଜଣ ମିଶି ଏହି ବାଇକ ଚୋରି କରୁଥିଲେ ସେମାନଙ୍କୁ ପୋଲିସ ଧରି ପୋଚରା ଉତରା କରିବାରୁ ଜଣାପଡିଥିଲା ଯେ ସେମାନ ଆହୁରି ୧୪ ଗୋଟି ବାଇକ ଚୋରି କରିଥିବା ବିଷୟ ସ୍ୱୀକାର କରିବା ସହ ଉକ୍ତ ବାଇକ ଗୁଡିକ ପୋଲିସ ନିଜ ହେପାଜତକୁ ନେବା ପରେ ଜଣାପଡିଥିଲା ଯେ ଅନ୍ଧ୍ରପ୍ରଦେଶ ନୁମ୍ବର ଥିବା ୩ ଗୋଟି ବାଇକ ଓ ଛତିଶଗଡ ନୁମ୍ବର ଥିବା ୪ ଗୋଟି ବାଇକ ବଳକା ୮ଗୋଟି ବାଇକ ହେଉଛି ଓଡିଶା ନୁମ୍ବରର ଜବତ କରାଯାଇଛି ବୋଲି ଏସ ଡି ପି ଓ,ସୂଚନା ଦେଇଥିଲେ ତା ସହ ଉକ୍ତ ଜବତ,ବାଇକ ମାଲିକ ମାନଙ୍କୁ ଯୋଗାଯୋଗ କରି ସେମାନଙ୍କର ଚୋରି ହୋଇଥିବା ବାଇକ ଗୁଡାକ ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିଲେ ଏହି ସାମ୍ବାଦିକ ସମିଳନୀ ରେ ଜୟପୁର ଟାଉନ ପୋଲିସ ଥାନା ଆଇ ଆଇ ସି ଶ୍ରୀ. ଉଲ୍ଲଷ ଚନ୍ଦ୍ର ରାଉତ ଉପସ୍ଥିତ ରହିଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଶୁଦ୍ଧ ପାଣି ପାଇଁ ଭଞ୍ଜସେନାର ମହାସଂଗ୍ରାମ

- ମୟୂରଭଞ୍ଜକୁ ଆଉ ପାତରଅନ୍ତର ସହିବୁ ନାହିଁ
- ସରକାରଙ୍କୁ ୧୫ ଦିନର ଅଲ୍ଟିମେଟମ୍

ବାରିପଦା୧୦/୧୦ : ମୟୁରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ଯୁବପିଢ଼ିଙ୍କ ନିଯୁକ୍ତି ସୁରକ୍ଷା ଦାବିରେ ଶୁକ୍ରବାର ବାରିପଦା ସହରରେ 'ଭଞ୍ଜସେନା' ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ବିଗତ ଏକ ସପ୍ତାହ ଧରି ସମସ୍ତ ବ୍ଲକ ଓ ଉପଖଣ୍ଡ ପ୍ରଶାସନ ଜରିଆରେ ଦାବିପତ୍ର ପ୍ରଦାନ ପରେ, ଆଜି ଜିଲ୍ଲାସ୍ତରୀୟ ମହା ଆନ୍ଦୋଳନ ଦେଖିବାକୁ ମିଳିଛି। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଦିନ ପ୍ରାୟ ୧୨:୩୦ ଘଟିକାରେ ଦାମୋଦରପୁରସ୍ଥିତ ଅରୁଣୋଦୟ କଲେଜ ସମ୍ମୁଖରୁ ଏକ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଏବଂ ୫୦ରୁ ଅଧିକ ଚାରିଚକିଆ ଯାନର ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ରାଲି ମୁରୁଗାବାଡ଼ି, ଦାରଗାଡେଇ, ପାଲବଣୀ, ଷ୍ଟେସନବଜାର, କେ.ସି. ସର୍କଲ, ମୁଖ୍ୟ ବଜାର, ବିଜୁ ପଟ୍ଟନାୟକ ଗୋଲେଇ ଏବଂ କଚେରୀ ରୋଡ୍ ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଜିଲ୍ଲା ପ୍ରଶାସନ ଜରିଆରେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିସ୍ତୃତ ୫-ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ କେବଳ ପାଇପ୍ ବିଛାଇବା ନୁହେଁ, ବରଂ ନିୟମିତ ଗୁଣାତ୍ମକ ପାନୀୟ ଜଳ ଯୋଗାଣ ଓ ରକ୍ଷଣାବେକ୍ଷଣ ପାଇଁ ଦୀର୍ଘମିଆଦୀ ଯୋଜନା। ପି.ଆର୍.ଏମ୍. ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ?ରେ ଆବଶ୍ୟକ ଡାକ୍ତର, ବିଶେଷଜ୍ଞ, ଆଧୁନିକ ଚିକିତ୍ସା ଉପକରଣ ଓ ଭିତ୍ତିଭୂମି ଯୋଗାଇ ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ଯିବା ବାଧ୍ୟବାଧକତାର ଅନ୍ତ। ଅଙ୍ଗନବାଡ଼ିଠାରୁ ମହାବିଦ୍ୟାଳୟ ଓ ଏମ୍.ଏସ୍.ସି.ବି. ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ଶିକ୍ଷକ-ଅଧ୍ୟାପକ ପଦବୀ ପୂରଣ, ପରୀକ୍ଷାଗାର ଓ ଛାତ୍ରାବାସର ସୁବ୍ୟବସ୍ଥା। ସ୍କୁଲ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଓ ଶିଶୁଶ୍ରମ ସମ୍ପୂର୍ଣ୍ଣ ବନ୍ଦ କରିବା। ବାଲ୍ୟ ବିବାହ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ପ୍ରବାସୀ ଶ୍ରମିକ ନସଜାଇ ନିଜ ମାଟିରେ ରୋଜଗାର ପ୍ରଦାନ। ଭଞ୍ଜସେନା ସଂଗଠନର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଚେତାବନୀ ଦେଇ କହିଛନ୍ତି ଯେ, ମୟୁରଭଞ୍ଜର ମୌଳିକ ସମସ୍ୟା ପ୍ରତି ସରକାର ଓ ପ୍ରଶାସନ ଦୀର୍ଘ ଦିନରୁ ଅବହେଳା କରିଆସୁଛନ୍ତି। ଯଦି ଆଗାମୀ ୧୫ ଦିନ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ ନକରାଯାଏ, ତେବେ ପରବର୍ତ୍ତୀ ଏକ ମାସ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ମ୍ୟୁନିସିପାଲିଟି ଓ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଗଣଧାରଣା ଦିଆଯିବ। ଏହି ବିଶାଳ ଆନ୍ଦୋଳନରେ ଜିଲ୍ଲା ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଯୁବଶାଖା କାର୍ଯ୍ୟକାରୀ ସଭାପତି ଏମଡି ରାଜା, ସଞ୍ଜୟ ମହାର୍ଣ୍ଣ, ସଞ୍ଜୟ ମହାନ୍ତ, ଛାତ୍ର ଶାଖା ସଭାପତି ଦୀପକ ବେହେରା, ରୁଦ୍ର ପଟ୍ଟନାୟକ, ଅମିତ କୁମାର, ଜିତୁ ସିଂ, ସନ୍ତୋଷ ଗିରି, ରବିନ୍ ମହାନ୍ତି, ମନୋରଞ୍ଜନ ବାରିକ, ରାଜୁ ଘଢ଼େଇ, ପ୍ରଶାନ୍ତ ଦାସ, ଏମ.ଡି ଇସଲାମ, ମନୋଜ ଦାସ, ଗୌରବ ମହାନ୍ତି, ମୁକ୍ତି ଦତ୍ତ ପରିଡ଼ା, ଉମେଶ ପ୍ରଧାନ, ସତ୍ୟରଞ୍ଜନ ପୃଷ୍ଟିଙ୍କ ସମେତ ହଜାର ହଜାର ସଂଖ୍ୟାରେ ଛାତ୍ର ଓ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435
ସଂପାଦକ- ସତ୍ୟବ୍ରତ ପାତ୍ର
Editor - SATYA BRATA PATRA